# ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ଚାରିଛକ,୧୦।୫(ସମିସ): ଚାରିଛକ ଥାନା ଅନ୍ତର୍ଗତ ଛଣିଜଙ୍ଗ ପଞ୍ଚାୟତ ବିଲସାହି ଗ୍ରାମର ଜ୍ୟୋତିରଞ୍ଜନ ବେହେରାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଥିବା ନେଇ ସେ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପରେ ପୁଲିସ ୯ ୯/୨୦୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚାଲୁ ରଖିଛି। ଅଭିଯୋଗରୁ ଜଣାଯାଇଛି ଯେ, ଉକ୍ତ ଗ୍ରାମର ଜ୍ୟୋତିରଞ୍ଜନ ଓ ତାଙ୍କ ପିଉସୀ ପୁଅ ଭାଇ ସୌମ୍ୟରଞ୍ଜନ ବେହେରା ଶନିବାର ରାତି ପ୍ରାୟ ୧୨ଟା ସମୟରେ ଚାରିଛକ ବଜାରରୁ ନିଜ ଗ୍ରାମ ବିଲସାହିକୁ ଫେରୁଥିବା ସମୟରେ ଏହି ଥାନା ଅନ୍ତର୍ଗତ ଓରପଟ ଛକଠାରେ ଏକ କାର୍‌ରେ ବସି କିଛି ଅଜଣା ଯୁବକ ରାସ୍ତା ଅବରୋଧ କରି ମଦ୍ୟପାନ କରୁଥିଲେ। ସେମାନଙ୍କୁ ସାଇଡ୍ ଦେବା ପାଇଁ କହିବାରୁ ତାଙ୍କ ଭିତରୁ ଜଣେ ରାଗିଯାଇ ଗାଳିଗୁଲଜ କରିବା ସହିତ ଏକ ପଥରରେ ଜ୍ୟୋତିରଞ୍ଜନଙ୍କ ମୁଣ୍ଡକୁ ପିଟି ଦେଇଥିଲେ। ତାଙ୍କ ମୁଣ୍ଡ ଫାଟି ପ୍ରବଳ ରକ୍ତସ୍ରାବ ହେଉଥିବା ତାଙ୍କ ଭାଇ ଦେଖି ସ୍ଥାନୀୟ ଲୋକଙ୍କୁ ଡାକିବାରୁ ଅଭିଯୁକ୍ତମାନେ ସେଠାରୁ ଖସି ପଳାଇଥିଲେ। ଗୁରୁତର ଅବସ୍ଥାରେ ଜ୍ୟୋତିରଞ୍ଜନଙ୍କୁ ତାଙ୍କର ଭାଇ ଚିକିତ୍ସା ପାଇଁ ଚାରିଛକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। ତାଙ୍କ ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ତାଙ୍କୁ ପ୍ରାଥମିକ ଚିକିତ୍ସା କରି ଅଧିକ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥାନାନ୍ତରିତ କରିଛନ୍ତି। ଖବର ପାଇ ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ପରେ ଅଭିଯୁକ୍ତମାନେ ସେଠାରୁ ଫେରାର୍ ହୋଇଯାଇଥିଲେ। ଅଭିଯୁକ୍ତଙ୍କ ବ୍ୟବହୃତ କାର୍‌ଟିକୁ ଜବତ କରି ଥାନାକୁ ଆଣିଛି। ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି।

# ଖବର କାଗଜ ବିତରକଙ୍କ ମାତୃ ବିୟୋଗ



କଣାସ,୧୦।୫(ସମିସ): କଣାସ ବ୍ଲକ୍ ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ତ୍ରିଲୋଚନପୁର ଗ୍ରାମର ପୁରୁଖା ଖବର କାଗଜ ବିତରକ ଅନାମ ଦାସଙ୍କ ମାଆ ସତ୍ୟଭାମା ଦାସଙ୍କର ୭୬ ବର୍ଷ ବୟସରେ ରବିବାର ପରଲୋକ ହୋଇଯାଇଛି। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶବ ସତ୍କାର କରାଯାଇଥିଲା। ଏକମାତ୍ର ପୁତ୍ର ଅନାମ ମୁଖାଗ୍ନି ଦେଇଥିଲେ। ଅନାମ ଦୀର୍ଘ ୪୦ ବର୍ଷ ଧରି କଣାସ ଓ ଡେଲାଙ୍ଗର ଦୁର୍ଗମ ଅଞ୍ଚଳରେ ଖବର କାଗଜ ବିତରଣ କରି ଆସୁଛନ୍ତି।

# ମାତୃ ଦିବସରେ ନଦୀ ମାଆର ସେବା



ନିମାପଡ଼ା,୧୦।୫(ସମିସ): ମାତୃ ଦିବସରେ ନଦୀ ମାଆକୁ ବଞ୍ଚେଇବାକୁ ଅଭିନବ ପ୍ରୟାସ। ଏକାଠି ହେଲେ ଛାତ୍ରଛାତ୍ରୀ, ଅଧ୍ୟାପକ, ସାମ୍ବାଦିକ, ସମାଜସେବୀ। କୁଶଭଦ୍ରା ନଦୀକୁ ସଫେଇ କରିଥିଲେ। ଚୀରସ୍ରୋତା କରିବାକୁ ଆହ୍ୱାନ ଉଠାଇଛନ୍ତି। 'କୁଶଭଦ୍ରା କାନ୍ଦୁଛି ପରିବାର' ଓ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳର ଭୂତତ୍ତ୍ୱ ବିଜ୍ଞାନ ବିଭାଗର ମିଳିତ ଉଦ୍ୟମରେ ସଫେଇ ହୋଇଥିଲା ନଦୀ। ପାଣି ଭିତରେ ପଶି ଦଳ କାଢ଼ିବା ସହ ନଦୀରୁ ଆବର୍ଜନାକୁ ଗୋଟାଇଥିଲେ ସମସ୍ତେ। ଏପରିକି ନିମାପଡ଼ାର ଅନନ୍ୟ ଐତିହ୍ୟ ଗ୍ରାମ ଗୋପୀନାଥପାଟଣାର ଗ୍ରାମ ଶ୍ମଶାନ ରାସ୍ତାକୁ ମଧ୍ୟ ସଫେଇ କରିଥିଲେ। ଶିକ୍ଷାଲାଭ କରୁଥିବା ଛାତ୍ରଛାତ୍ରୀଙ୍କ ଏଭଳି ସାମାଜିକ ବାର୍ତ୍ତା ସମଗ୍ର ସମାଜ ପାଇଁ ପ୍ରେରଣା ପାଲଟିଛି। କୁଶଭଦ୍ରା କାନ୍ଦୁଛି ପରିବାରର ଉପଦେଷ୍ଟା ବିକାଶ ଚନ୍ଦ୍ର ବାରିକ, ଆବାହକ ନିଗମାନନ୍ଦ ସାହୁ, ବରିଷ୍ଠ ସଦସ୍ୟ ନିରଞ୍ଜନ ସାହୁ, ଭୂତତ୍ତ୍ୱବିତ୍ ମାନସ ରଞ୍ଜନ ସ୍ୱାଇଁ, ବରିଷ୍ଠ ସାମ୍ବାଦିକ ଶରତ ସେନାପତି, ଅଧ୍ୟାପିକା ମମତାରାଣୀ ସ୍ୱାଇଁ, ଋତୁପର୍ଣ୍ଣା ସାହୁ, ସଦସ୍ୟ ଅଭିଷେକ ସାହୁ ଏବଂ ୪୦ରୁ ଅଧିକ ଛାତ୍ରଛାତ୍ରୀ ଯୋଗଦେଇଥିଲେ। ସମସ୍ତଙ୍କ ଆହ୍ୱାନ ଥିଲା ନଦୀ ଆମର ମାଆ। ମାଆ ବଞ୍ଚିଲେ, ଆମେ ବଞ୍ଚିବା।

**● କଣାସ ଅଞ୍ଚଳରେ ପାନୀୟ ଜଳ ସମସ୍ୟା**

# ପାଇପ୍ ଜଳକୁ ଚାତକ ପରି ଚାହିଁ ବସୁଛନ୍ତି ଲୋକେ

କଣାସ,୧୦।୫(ସମିସ): କଣାସ ବ୍ଲକ୍ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବାରୁ ବର୍ଷସାରା ଏଠାରେ ପାନୀୟ ଜଳ ସଙ୍କଟ ହୋଇଥାଏ। ଗ୍ରୀଷ୍ମକାଳୀନ ସମୟରେ ବ୍ଲକ୍ ଓ ଜିଲ୍ଲା ପ୍ରଶାସନର ମୁଣ୍ଡବିନ୍ଧାର କାରଣ ହୋଇଥାଏ। ସ୍ଥାୟୀ ପ୍ରତିକାର ପାଇଁ ୨୦୧୮ ରୁ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିଲେ ମଧ୍ୟ ତାହା ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ପାନୀୟ ଜଳ ସମସ୍ୟାର ସମାଧାନ ହୋଇପାରି ନାହିଁ। ପୂର୍ବରୁ କେତେକ ସ୍ଥାନରେ ପାଇପ୍ ପ୍ରକଳ୍ପ ଜଳ ଯୋଗାଣ ନିର୍ମାଣ କରାଯାଇ ପାଇପ୍ ଜଳ ସୀମିତ ସମୟରେ ଯୋଗାଇ ଦିଆଯାଉଥିଲା। ବାରମ୍ବାର ବିଦ୍ୟୁତ୍



କାଟ୍ ଯୋଗୁଁ ଠିକ୍ ସମୟରେ ଜଳ ଯୋଗାଣ ହୋଇପାରୁ ନଥିବାରୁ ମହିଳାମାନେ ଗରା, ବାଲ୍‌ଟି ଓ ଜାର୍‌କିନି ଧରି ଗାଁ ଦାଣ୍ଡରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ବସି ରହୁଛନ୍ତି। ଏହି ଦୃଶ୍ୟ କଣାସ ବ୍ଲକ୍ ବଡ଼ାସ ପଞ୍ଚାୟତର ବାଲିପାଟଣା ଗ୍ରାମରେ ଦେଖିବାକୁ ମିଳିଛି। ଏହିଭଳି କଣାସ ବ୍ଲକ୍‌ରେ ନିତିଦିନ ଦେଖିବାକୁ ମିଳୁଛି। ଯୁଦ୍ଧକାଳୀନ ଭିତିରେ ମେଗା ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ସାରିବା ପାଇଁ କଣାସ ଅଞ୍ଚଳବାସୀ ଦାବି କରିଛନ୍ତି।

## 'ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ'ର ସାମ୍ବତ୍ସରିକ ସାରସ୍ୱତ ସମାରୋହ

# ମାଟି ମଣିଷର କଥା କହେ ସାହିତ୍ୟ

ପୁରୀ,୧୦।୫(ସମିସ)




କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସରରେ ରବିବାର 'ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦ'ର ସାମ୍ବତ୍ସରିକ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରାବନ୍ଧିକ ପ୍ରଫେସର ଅଦ୍ୱୈତ ଚରଣ ଧଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବ ପ୍ରାରମ୍ଭରେ ପଲ୍ଲୀପ୍ରାଣ ଆର୍ତ୍ତତ୍ରାଣ ମାନସିଂହ ଏବଂ କବି ରାମଚନ୍ଦ୍ର ସାହୁଙ୍କ ବିୟୋଗରେ ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ମଞ୍ଜୁଶ୍ରୀ ମିଶ୍ର ଶ୍ରୀଜଗନ୍ନାଥ ଅଷ୍ଟକମ୍ ଗାନ କରିଥିବାବେଳେ ଓଡ଼ିଶା ସଙ୍ଗୀତ ପରିଷଦର କଳାକାରମାନେ ସମବେତ ସ୍ୱାଗତ ସଙ୍ଗୀତ 'କରୁଛୁ ସ୍ୱାଗତ ହେ ପୂଜ୍ୟ ଅତିଥି' ପରିବେଷଣ କରିଥିଲେ। କବି ବିଜୟଲକ୍ଷ୍ମୀ ଦାଶ ମିଶ୍ର ଅତିଥି ପରିଚୟ ପ୍ରଦାନ ଏବଂ ସାଧାରଣ ସମ୍ପାଦକ ଶିଶୁ ସାହିତ୍ୟିକ ସତ୍ୟ ନାରାୟଣ ମିଶ୍ର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଉଦ୍‌ଘାଟକ ଭାବେ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର, ମୁଖ୍ୟଅତିଥି ଭାବେ ପ୍ରାକ୍ତନ କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ଏବଂ ବିଶେଷ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଓ ଖ୍ୟାତିସମ୍ପନ୍ନ ଗୀତିକବି ଡ. ଧନଞ୍ଜୟ ସ୍ୱାଇଁ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସାହିତ୍ୟ ଏକ ଦର୍ପଣ। ସାହିତ୍ୟ ମାଟି ମଣିଷର କଥା କହେ। ସାହିତ୍ୟ ମନୁଷ୍ୟତ୍ୱ ନିର୍ମାଣ କରେ ଏବଂ ଉତ୍ତମ ବ୍ୟବହାର ଜ୍ଞାନ ଶିଖାଏ। କାବ୍ୟ ସଂସାରରେ କବି ହିଁ ଦ୍ରଷ୍ଟା, ସ୍ରଷ୍ଟା ଓ ପ୍ରଜାପତି। ସାହିତ୍ୟର ଗ୍ରାହକ କେବଳ ସହୃଦୟ ବ୍ୟକ୍ତି ବୋଲି ଅତିଥିମାନେ ପ୍ରକାଶ କରିବା ସହିତ ଓଡ଼ିଆ ସାହିତ୍ୟର ମହନୀୟତା ଓ ସାହିତ୍ୟର ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ ଅନୁଷ୍ଠାନର ସାରସ୍ୱତ ମୁଖପତ୍ର 'ସାତ ପାହାଚ' ଏବଂ ସାହିତ୍ୟିକା ପ୍ରମୋଦା ଦେବୀଙ୍କ କବିତା ସଂକଳନ 'ମନର ମୋଜାଇକ୍' ଲୋକାର୍ପିତ ହୋଇଥିଲା। ଏଥିସହ ସାହିତ୍ୟିକା ଡ. ତୁଳସୀ ଓଝାଙ୍କୁ 'ସାରସ୍ୱତ ସମ୍ମାନ', କଣ୍ଠଶିଳ୍ପୀ କାର୍ତ୍ତିକ ଚନ୍ଦ୍ର ସାହୁଙ୍କୁ 'ସଂସ୍କୃତି ସମ୍ମାନ' ଏବଂ ଶିଶୁସାହିତ୍ୟିକ ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆଙ୍କୁ 'ଶିଶୁ କିଶୋର ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ କବି ଶ୍ୟାମ ପ୍ରକାଶ ସେନାପତି ଏବଂ କମଳ କୁମାର ଦାଶ ସଞ୍ଚାଳନ କରିଥିଲେ। ଦ୍ୱିତୀୟ ଅଧିବେଶନରେ ସ୍ୱରଚିତ କବିତା ଆସର 'ମହ୍ଲାର' ଅନୁଷ୍ଠିତ ହୋଇ ଏଥିରେ ପ୍ରଫେସର ପ୍ୟାରୀମୋହନ ପଟ୍ଟନାୟକ ଏବଂ କବି ଚିନ୍ମୟ ବିବେକ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଡ. ରୁଦ୍ର ପ୍ରସାଦ ମିଶ୍ର, ଡ. ସୁଦୀପ୍ତା ଓ ମନ୍ଦାକିନୀ ପଟ୍ଟନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆସରରେ ବହୁ କବି କବିତାପାଠ କରିଥିଲେ। ପ୍ରଭାତ ଚନ୍ଦ୍ର ରଥ, ସୌମ୍ୟରଞ୍ଜନ ମଲ୍ଲିକ, ସୁବ୍ରତ ଜେନା, ବିଜୟିନୀ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଏ-୧ରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ମେଧା ସମ୍ମାନ ପ୍ରଦାନ



ସାକ୍ଷୀଗୋପାଳ,୧୦।୫(ସମିସ): ସତ୍ୟବାଦୀ ବ୍ଲକ୍‌ରୁ ଗ୍ରେଡ୍ ଏ-୧ରେ ଉତ୍ତୀର୍ଣ୍ଣ ୧୫ ଜଣ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ବୀରଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ ପରିସରରେ ସମ୍ବର୍ଦ୍ଧିତ କରାଯାଇଛି। ଭାରତମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ସହିତ ସାମୂହିକ ବନ୍ଦେ ମାତରଂ ଗାନ କରାଯାଇଥିଲା। ଅତିଥିମାନେ ମଞ୍ଚାସୀନ ହେବା ପରେ ଫୁଲତୋଡ଼ା ଓ ଉତ୍ତରୀୟ ପ୍ରଦାନ କରାଯାଇ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ର, ପ୍ରାନ୍ତୀୟ ଅଧ୍ୟକ୍ଷ ସତ୍ୟବାଦୀ ଦାସ, ଶାଖାର ସଭାପତି ନବଘନ ଶତପଥୀ, ସଚିବ ବିଜୟ କୁମାର ପରିଡ଼ା, କୋଷାଧ୍ୟକ୍ଷ ଦେବରାଜ ନାୟକ ଓ ପ୍ରଧାନଶିକ୍ଷକ ଯୋଗେଶ କୁମାର ନାୟକ ଉପସ୍ଥିତ ଥିଲେ। ବକ୍ତାମାନେ ସେମାନଙ୍କ ବକ୍ତବ୍ୟରେ ଶୃଙ୍ଖଳିତ ଜୀବନଯାପନ ସହିତ କର୍ତ୍ତବ୍ୟ ପରାୟଣ ଓ ଦେଶପ୍ରେମୀ ହେବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଧାନଶିକ୍ଷକ ଶଙ୍କର କୁମାର ସୁବୁଦ୍ଧି ଓ କିଟ୍ କଲେଜର ଅଧ୍ୟାପକ ପ୍ରଶାନ୍ତ କୁମାର ଦାସ, ଛାତ୍ରଛାତ୍ରୀମାନଙ୍କୁ ଜୀବନରେ କଠିନ ପରିଶ୍ରମ ସହିତ ଭଲ ମଣିଷ ହେବାକୁ ପ୍ରେରଣା ପ୍ରଦାନ କରିଥିଲେ। ସମ୍ବର୍ଦ୍ଧିତ ଛାତ୍ରଛାତ୍ରୀମାନେ ହେଲେ ତୃତୀୟଦେବ ହାଇସ୍କୁଲ, ସୁକଳର ସବ୍ୟସାଚୀ ସେନାପତି, ଜୟକୃଷ୍ଣ ମହାନ୍ତି ଓ ସତ୍ୟପ୍ରକାଶ ବାରିକ, ପଞ୍ଚସଖା ହାଇସ୍କୁଲ ମାଳସାହିର ସତ୍ୟଜିତ ବାରିକ ଓ ଅଙ୍କିତ କୁମାର ନନ୍ଦ, ଗୋପୀନାଥଦେବ ହାଇସ୍କୁଲର ଅଭିଜିତ୍ ଖଟାଇ, ସତ୍ୟବାଦୀ ହାଇସ୍କୁଲର ସୌମ୍ୟରଞ୍ଜନ ମହାନ୍ତି, ମଠସାହି ହାଇସ୍କୁଲର ଆୟୁଷ କୁମାର ପ୍ରଧାନ, ଡାଙ୍ଗୁରା ହାଇସ୍କୁଲର ସ୍ୱୟଂସମ୍ପନ୍ନ ସାହୁ, ଜୟଦୁର୍ଗା ହାଇସ୍କୁଲର ସ୍ୱାଗତିକା ସ୍ୱାଇଁ, ଚନ୍ଦ୍ରକାନ୍ତ ବେହେରା, ବୀରଗୋବିନ୍ଦପୁର ହାଇସ୍କୁଲର ଦିବ୍ୟାଜ୍ୟୋତି ବରାଳ, ସରକାରୀ ବାଳିକା ହାଇସ୍କୁଲର ଲଭ୍‌ଲି ଭୋଇ, ରାୟ ଚକ୍ରଧରପୁର ହାଇସ୍କୁଲର ସ୍ୱୟଂଶ୍ରୀ ମିଶ୍ର ଓ ଶ୍ରୀରାମଚନ୍ଦ୍ରପୁର ହାଇସ୍କୁଲର ଚିନ୍ମୟ କୁମାର ମହାରଣା। ସମସ୍ତ ଛାତ୍ରଛାତ୍ରୀଙ୍କୁ ଗୋଲାପ ଫୁଲ, ୧ ହଜାର ଟଙ୍କା, ସ୍ମୃତି ଫଳକ, ମାନପତ୍ର, କିଟ୍ ବ୍ୟାଗ୍ ସହିତ ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ସମ୍ପାଦକ ବିଜୟ କୁମାର ପରିଡ଼ା। ଧନ୍ୟବାଦ୍ ଅର୍ପଣ କରିଥିଲେ ସଂସ୍କାର ସଚିବ ସୁନିଲ କୁମାର ବେହେରା। ପରିଚାଳନାରେ ସହଯୋଗ କରିଥିଲେ ସେବା ସଚିବ ଦିଗମ୍ବର ରଥ, ମହିଳା ସଚିବ ରିତା ତ୍ରିପାଠୀ, ଲିଙ୍ଗରାଜ ସାହୁ, ସଂଗ୍ରାମ ମହାପାତ୍ର ଓ ପ୍ରଫୁଲ୍ଲ ପ୍ରଧାନ। ଭାରତ ବିକାଶ ପରିଷଦ ଓ ମହାପାତ୍ର ଚାରିଟେବଲ ଟ୍ରଷ୍ଟ ତରଫରୁ ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପାଟପୁର ଚନ୍ଦନ ପୋଖରୀରେ ଚାପ ଖେଳିଲେ ମଦନମୋହନ

ନିମାପଡ଼ା,୧୦।୫(ସମିସ): ନିମାପଡ଼ା ଏନ୍‌ଏସି ଅନ୍ତର୍ଗତ ପାଟପୁର ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଦନମୋହନଙ୍କ ଭଉଁରୀ ଯାତ୍ରା ପାଳିତ ହୋଇଯାଇଛି। ଏହି ଯାତ୍ରା ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହୋଇ ଅଷ୍ଟମୀ ତିଥି ଉତ୍କଳ ଭଉଁରୀ ଦିବସ ୨୧ ଦିନ ଧରି ଚାଲିଥାଏ। ଗ୍ରାମର କପିଳେଶ୍ୱର ଦେବ ମନ୍ଦିର ପୂଜକ ସୌମ୍ୟ ଦର୍ଶନ ପଣ୍ଡା ଓ ଦେବେନ୍ଦ୍ର ମହାପାତ୍ର ଠାକୁର ମଦନମୋହନଙ୍କୁ ଯଥା ରୀତିନୀତି ଅନୁଯାୟୀ ସୁସଜ୍ଜିତ ବିମାନରେ ଉପବିଷ୍ଟ କରାଇ ବାଜା, ବାଣ, ରୋଷଣି ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ସମସ୍ତ ଶ୍ରଦ୍ଧାଳୁଙ୍କ ଘରେ ଭୋଗ ଲାଗି ହେବା ପରେ ଚନ୍ଦନ ପୋଖରୀରେ ଥିବା ଦିପିଦେଉଳି ମନ୍ଦିର ଚତୁଃପାଶ୍ୱର୍ରେ ୨୧ ଘେରା ପରିକ୍ରମା କରି ମନ୍ଦିରକୁ ଫେରି ଚନ୍ଦନ ଜଳରେ ସ୍ନାନ କରିଥାନ୍ତି। ଏହି ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏନ୍‌ଏସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଚନ୍ଦନ କମିଟି ସଭାପତି ଉପେନ୍ଦ୍ର ପ୍ରଧାନ, ସମ୍ପାଦକ ଗଗନ ବିହାରୀ ଦାସ, କାଉନ୍‌ସିଲର କବିତା ପ୍ରଧାନ, ନିରଞ୍ଜନ ନାୟକ, ପୂର୍ବତନ କାଉନ୍‌ସିଲର ବ୍ରଜେନ୍ଦ୍ର ପ୍ରଧାନ, ସାଂସଦଙ୍କ ପ୍ରତିନିଧି ମୀନଲତା ମହାନ୍ତି, ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ପଦ୍ମଚରଣ ମହାନ୍ତି, ରାଜ କିଶୋର ମିଶ୍ର, ବିଶ୍ୱରଞ୍ଜନ ପଣ୍ଡା, ସାଇ ପ୍ରିତମ୍ ପଟ୍ଟନାୟକ ପ୍ରମୁଖ ଚାପ ଖେଳ ନୌକା ବିହାରରେ ସାମିଲ୍ ହୋଇଥିଲେ। ଏହି ଭଉଁରୀ ଯାତ୍ରା ଦେଖିବା ପାଇଁ ଚନ୍ଦନ ପୋଖରୀ



ଚତୁଃପାଶ୍ୱର୍ରେ ହଜାର ହଜାର ସଂଖ୍ୟାରେ ଦର୍ଶକ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅତିରିକ୍ତ ଏସ୍‌ପି ସଚିନ ପଟେଲ, ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀ, ଆଇଆଇସି ସମରେନ୍ଦ୍ର ପାଇକରାୟଙ୍କ ସମେତ ବହୁ ଆରକ୍ଷୀ ବାହିନୀ ଉପସ୍ଥିତ ଥିଲେ। ତତ୍କାଳୀନ ଅଞ୍ଚଳ ଅଧିକାରୀ ଗିରିଶ ଚନ୍ଦ୍ର ରାୟ ଚକ୍ରବର୍ତ୍ତୀଙ୍କ ସମୟରୁ ଏହି ଯାତ୍ରା ଦୀର୍ଘ ୮୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଚାଲୁଛି ବୋଲି ଚନ୍ଦନ କମିଟି ପକ୍ଷରୁ ସୂଚନା ମିଳିଛି।

# 'ଅପରେସନ ସିନ୍ଦୂର'ର ପ୍ରଥମ ବାର୍ଷିକ ପୂର୍ତ୍ତି ପାଳନ

ନିମାପଡ଼ା/ପୁରୀ,୧୦।୫(ସମିସ): ଦେଶର ସୁରକ୍ଷା ଓ ଅଖଣ୍ଡତା ଭାରତର ପ୍ରତ୍ୟେକ ନାଗରିକମାନଙ୍କର ଦାୟିତ୍ୱ। ଦେଶ ସେବା ପାଇଁ କେବଳ ସେନା ନୁହେଁ, ଆମେ ସମସ୍ତେ ପ୍ରତିବଦ୍ଧ ହେବାକୁ ପୁରୀ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଆହ୍ୱାନ ଦେଇଛନ୍ତି। ଏନ୍‌ସିସି ଓଡ଼ିଶା ଷଷ୍ଠ ବାଟାଲିୟନର ନିର୍ଦ୍ଦେଶ କ୍ରମେ ରବିବାର ପୂର୍ବାହ୍ଣରେ ନିମାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ 'ଅପରେସନ ସିନ୍ଦୂର'ର ଏକ ବର୍ଷ ପୂର୍ତ୍ତି ପାଳନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ଶ୍ରୀ ସେଠୀ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଶ୍ରୀ ସେଠୀ 'ଅପରେସନ ସିନ୍ଦୂର' ଆମ ଜାତୀୟ ଏକତା, ଶୌର୍ଯ୍ୟ, ବୀରତ୍ୱ ଓ ଶକ୍ତିର ପ୍ରତୀକ। ଏହା ଆମ ଯବାନମାନଙ୍କ ତ୍ୟାଗ ଓ ସାହସକୁ ପ୍ରତିପାଦିତ କରିବା ସହ ସମଗ୍ର ବିଶ୍ୱକୁ ଚକିତ କରିପାରିଥିଲା ବୋଲି କହିବା ସହ ଦେଶର ସୁରକ୍ଷା ପାଇଁ ଆମେ ସର୍ବଦା ପ୍ରସ୍ତୁତ ରହିବାକୁ ଅନୁରୋଧ କରିଥିଲେ। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ. ରବୀନ୍ଦ୍ର ନାଥ ପାଢ଼ୀ, ପୂର୍ବତନ ଏନ୍‌ସିସି ଅଫିସର ସୁବ୍ରତ କୁମାର ମହାନ୍ତି, ସିଟିଓ ପ୍ରେମରାଜ ଗହୀର, ବିଶ୍ୱଜିତ୍ ପାଢ଼ୀ ପ୍ରମୁଖ ଯୋଗଦେଇ ଅପରେସନ ସିନ୍ଦୂର ଓ ତାହାର ସଂକଳ୍ପ ସମ୍ପର୍କରେ ଆଲୋକପାତ କରିଥିଲେ।



ଏହି ଅବସରରେ ସହିଦମାନଙ୍କ ସ୍ମୃତିରେ ନୀରବ ପ୍ରାର୍ଥନା କରାଯିବା ସହ ମହାବିଦ୍ୟାଳୟ ପରିସରରେ ଥିବା ସହିଦ ମନୋଜ ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଅପରେସନ ସିନ୍ଦୂର ଭିଡିଓ ପ୍ରଦର୍ଶନ ସହ କ୍ୟାଡେଟ୍‌ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।

# ସ୍ମୃତି ସାଉଁଟିଲେ ୧୯୭୧ ବ୍ୟାଚ୍ ଛାତ୍ରଛାତ୍ରୀ

କାକଟପୁର/କୁଣ୍ଢେଇ,୧୦।୫(ସମିସ): କାକଟପୁର ଉଚ୍ଚ ବିଦ୍ୟାଳୟର ୧୯୭୧ ମସିହା ଶିକ୍ଷା ବର୍ଷର ଛାତ୍ରଛାତ୍ରୀଙ୍କର ଏକ ଭବ୍ୟ ବନ୍ଧୁମିଳନ ଉତ୍ସବ ସ୍ଥାନୀୟ ସ୍ୱମେଶ୍ୱର ମହାଦେବଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୫୫ ବର୍ଷ ପରେ ପୁରୁଣା ବନ୍ଧୁମାନଙ୍କୁ ଭେଟି ସମସ୍ତେ ଭାବବିହ୍ୱଳ ହୋଇପଡ଼ିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ୟାଚ୍‌ର ସଦସ୍ୟ ଜମେଶ୍ୱର ଦୀକ୍ଷିତ ସ୍ୱାଗତ ଭାଷଣ ଦେଇଥିବାବେଳେ, ଅବସରପ୍ରାପ୍ତ ବନ୍ଧୁମାନେ ନିଜ ନିଜର କର୍ମମୟ ଜୀବନର ଅନୁଭୂତି ବାଣ୍ଟିଥିଲେ। ପିଲାଦିନର ସ୍ମୃତି, ସ୍କୁଲ ବେଳର ଖଟାମିଠା ଅନୁଭୂତି ଏବଂ ହଜିଯାଇଥିବା ସେହି ସୁବର୍ଣ୍ଣ ଦିନଗୁଡ଼ିକୁ ମନେ ପକାଇ ସମସ୍ତେ କିଛି ସମୟ ପାଇଁ ପୁଣି କୈଶୋରକୁ ଫେରିଯାଇଥିଲେ। ଏହି ଅବସରରେ ଦିବଂଗତ ବନ୍ଧୁମାନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶେଷରେ ଆଗାମୀ ଦିନରେ ସମାଜସେବା ମୂଳକ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମକୁ ପୁରାତନ ଛାତ୍ର ସର୍ବେଶ୍ୱର ଦୀକ୍ଷିତ, ପ୍ରମୋଦ ସେନାପତି, ଶରତ ସାହୁ, ବିଜୟ ପୃଷ୍ଟି, ରାଜକିଶୋର ଦାସ, ଅଭୟ ମହାନ୍ତି, ସୁବାସ କାନୁନ୍‌ଗୋ, ପ୍ରସନ୍ନ ମହାନ୍ତି ପ୍ରମୁଖ ପରିଚାଳନା କରିଥିବାବେଳେ ଓଡ଼ିଶାର ପ୍ରଖ୍ୟାତ ହୃଦ୍‌ରୋଗ ବିଶେଷଜ୍ଞ ଡା. ପ୍ରଭାତ ଦାଶ ସମସ୍ତଙ୍କ ଉପସ୍ଥିତି ତଥା ସହଯୋଗ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।



# ବିଶ୍ୱଶାନ୍ତି ମହାଯଜ୍ଞ ନିମନ୍ତେ କଳସ ଯାତ୍ରା



ସାକ୍ଷୀଗୋପାଳ,୧୦।୫(ସମିସ): ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ମଧୁବନ ଗ୍ରାମ ପଞ୍ଚାୟତର ଡାହାଣ ଗ୍ରାମର ଆରାଧ୍ୟ ଠାକୁର ଶ୍ରୀବାସୁଦେବଙ୍କ ମନ୍ଦିର ପ୍ରତଷ୍ଠା ଓ ବିଶ୍ୱଶାନ୍ତି ମହାଯଜ୍ଞର ଦ୍ୱିତୀୟ ଦିନରେ ବ୍ରତଧାରୀମାନେ କଳସ ଯାତ୍ରା କରିବା ପରେ ଯଜ୍ଞ ବେଦୀରେ ଅଗ୍ନି ସଂଯୋଗ କରାଯାଇଛି। ଗ୍ରାମର ପ୍ରାୟ ୩୦୦ ଜଣ ମହିଳା ଓ ପୁରୁଷ ବ୍ରତଧାରୀ ଗ୍ରାମର କୂଳଦେବ ଶ୍ରୀଶ୍ରୀଡାହାଣେଶ୍ୱର ମହାଦେବଙ୍କ ବଡ଼ ପୋଖରୀରୁ ପ୍ରାୟ ୩ କିମି କଳସ ଯାତ୍ରା କରି ବାସୁଦେବଙ୍କ ପୀଠରେ ପହଞ୍ଚିଲେ। ସମସ୍ତେ ହଳଦିଆ ବସ୍ତ୍ର ପରିଧାନ କରି ସଙ୍କୀର୍ତ୍ତନର ତାଳେ ତାଳେ, ହରିବୋଲ ଓ ହୁଳହୁଳି ସହିତ ଯଜ୍ଞ ମଣ୍ଡପଠାରେ ପହଞ୍ଚିଥିଲେ। ଆସନ୍ତାକାଲି ଏହି ଯଜ୍ଞରେ ପୂର୍ଣ୍ଣାହୁତି ସହିତ ନୂତନ ମନ୍ଦିର ପ୍ରତିଷ୍ଠା ହେବ। ପୂର୍ଣ୍ଣାହୁତି ପ୍ରଦାନ କରିବେ ବଡ଼ ଓଡ଼ିଆ ମଠର ଅଧିକାରୀ ମହନ୍ତ ବଂଶୀଧର ଦାସ ଗୋସ୍ୱାମୀ ଜୀ ଓ ଉତ୍ତର ପାଶ୍ୱର୍ ମଠର ମହନ୍ତ ମହାରାଜ ନାରାୟଣ ରାମାନୁଜ ଦାସ ଶ୍ରୀବାସୁଦେବ। ଶ୍ରୀଶ୍ରୀ ଡାହାଣେଶ୍ୱର ମହାଦେବ ପଶ୍ଚିମ ସତ୍ୟବାଦୀ ଅଞ୍ଚଳର ବିଶ୍ୱାସ ଓ ଭରଷାର ଚଳନ୍ତି ଠାକୁର।

# ଗହୀର ମଝିରେ ୧୦ ପରିବାର; ମୌଳିକ ସୁବିଧାରୁ ବଞ୍ଚିତ

**● ଗାଁକୁ ରାସ୍ତା ନାହିଁ କି ରାସ୍ତା ପାଇଁ ସରକାରୀ ଜାଗା ନାହିଁ**
**● ବର୍ଷା ଦିନେ ଯାତାୟାତ ଠପ୍; ଘରେ ପଶନ୍ତି ସରୀସୃପ**

ବଳଙ୍ଗା,୧୦।୫(ସମିସ): ଦେଶ ସ୍ୱାଧୀନ ହେବାର ୭୯ ବର୍ଷ ହେବ। ସହର ହେଉ କି ଗ୍ରାମାଞ୍ଚଳ ଗମନାଗମନର ସୁବିଧା ସବୁଠାରେ ରହିଛି। ଏଭଳିକି ପାହାଡ଼ ପର୍ବତ କଟା ହୋଇ ମଧ୍ୟ ଗମନାଗମନର ସୁବିଧା ପାଇଁ ରାସ୍ତା ନିର୍ମାଣ କରାଯାଇଛି। ମଣିଷ ବସବାସ କରୁଥିବା ଘରୁ ବାହାରକୁ ଯିବା ପାଇଁ ପ୍ରଥମେ ରାସ୍ତା ଦରକାର ପଡ଼ିଥାଏ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏମିତି ଏକ ସାହି ଅଛି ଯେଉଠି କି ରାସ୍ତା ନାହିଁ କି ରାସ୍ତା ହେବା ପାଇଁ କୌଣସି ସରକାରୀ ଦସ୍ତାବିଜ୍‌ରେ ଜାଗା ମଧ୍ୟ ନାହିଁ। ଅନେକ ଥର ଚକବନ୍ଦୀ ହୋଇଥିଲେ ମଧ୍ୟ ଏହି ସାହିକୁ ନକ୍ସାରେ ରାସ୍ତା ଦର୍ଶାଯାଇ ନ ଥିବାରୁ ରାସ୍ତା ନିର୍ମାଣ ହୋଇପାରୁ ନାହିଁ। ଏହା କୌଣସି ଉପାନ୍ତ ଅଞ୍ଚଳ ନୁହେଁ, ପୁରୀ ଜିଲ୍ଲା ପିପିଲି ବ୍ଲକ୍ ଅନ୍ତର୍ଗତ ରୂପଦେଇପୁର ପଞ୍ଚାୟତର ଖଣ୍ଡାୟତ ପାଟଣା ଗ୍ରାମର ସାମିଲ ବଳଙ୍ଗା କଲେଜ ପଛପଟେ ଗହୀର ମଝିରେ ରହିଥିବା ୧୦ଟି ପରିବାର ବିଶିଷ୍ଟ ଏକ ସାହି। ସାହିଠାରୁ ବଳଙ୍ଗା-ପାଟପୁର ମୁଖ୍ୟ ରାସ୍ତା ୭୦୦ ମିଟର ଅଟେ। ଖରାଦିନେ ଏହି ସାହିକୁ ଯିବାକୁ ଚାଷ ଜମିର ହିଡ଼ରେ ଲୋକମାନେ ଯାତାୟାତ କରିଥା'ନ୍ତି। ବର୍ଷା ଦିନ ହେଲେ ଚାଷ ଜମିରେ ଆଣ୍ଠୁଏ ପାଣି ହୋଇଯିବାରୁ ଯିବାଆସିବା ଆଉ ସମ୍ଭବପର ହୋଇ ନ ଥିବାରୁ ଛୋଟ ପିଲାମାନଙ୍କର ପାଠପଢ଼ା ବନ୍ଦ ରହିଥାଏ। କାରଣ ଆଣ୍ଠୁଏ ପାଣିରେ ପଶି ଗହୀରରେ ଯିବା ସମ୍ଭବପର ନୁହେଁ। ବର୍ଷା ଦିନେ ବିଭିନ୍ନ ପ୍ରକାରର ସରୀସୃପ ଘରେ ପଶିଯାଆନ୍ତି। ଆଗରୁ ଲୋକେ ସର୍ପାଘାତରେ ଅନେକ ପ୍ରାଣ ହରାଇଥିବା ମଧ୍ୟ ନଜିର ଅଛି। ଏପରିକି କୌଣସି ବ୍ୟକ୍ତିଙ୍କର ଦେହ ଖରାପ ହେଲେ ଖଟିଆରେ ବୁହା ହୋଇ ମୁଖ୍ୟ ରାସ୍ତାକୁ ଯାଇ ଆମ୍ବୁଲାନ୍ସରେ ଡାକ୍ତରଖାନାକୁ ଯାଇଥାନ୍ତି। ବର୍ଷାଦିନେ ଏହି ଲୋକମାନେ ବିଭିନ୍ନ ପ୍ରକାରର ରୋଗରେ ପଡ଼ିଥାନ୍ତି। କାରଣ ଚତୁଃପାଶ୍ୱର୍ରେ ବର୍ଷା ଜଳ ଜମି ରହିଥିବାରୁ ବିଭିନ୍ନ ପ୍ରକାରର ରୋଗର ଶିକାର ହୋଇଥାନ୍ତି। ଏମାନଙ୍କର ଆର୍ଥିକ ମାନଦଣ୍ଡ ବହୁତ ଦୁର୍ବଳ। କେବଳ ନିର୍ବାଚନ ଆସିଲେ ନେତାମାନେ ଏହି ସାହିକୁ ଆସି ନିର୍ବାଚନ ପରେ ରାସ୍ତା କରାଇଦେବୁ କହି ବିଭିନ୍ନ ପ୍ରକାରର ପ୍ରତିଶ୍ରୁତି ଦେଇଥା'ନ୍ତି। କିନ୍ତୁ ତାହା କେବଳ ପ୍ରତିଶ୍ରୁତି ଆଉ ପ୍ରତାରଣାରେ ରହିଯାଇଛି। ଏହି ସାହିର ଲୋକମାନେ ନିଜର ମୌଳିକ ସୁବିଧାରୁ ବଞ୍ଚିତ ହୋଇଛନ୍ତି। ବର୍ଷା ଦିନେ ଏହି ସାହିଟି ସମୁଦ୍ର ଭିତରେ ଏକ ଦୀପପୁଞ୍ଜ ଭଳି ଦେଖାଯାଇଥାଏ। ଏ ବିଷୟରେ ଅନୁଧ୍ୟାନ କରି ତୁରନ୍ତ ପଦକ୍ଷେପ ନେବେ ବୋଲି ପିପିଲି ମଣ୍ଡଳ ଉନ୍ନୟନ ଅଧିକାରୀ ସରୋଜ କୁମାର ରାଉତ ପ୍ରକାଶ କରିଛନ୍ତି।





## ଦିବ୍ୟାଙ୍ଗ ଦୁଷ୍କର୍ମ ପୀଡ଼ିତାଙ୍କ ଶିଶୁକନ୍ୟା ଜନ୍ମ ଘଟଣା

# ଡାକ୍ତରଖାନାରେ ପୀଡ଼ିତା, ବାଳାଶ୍ରମରେ ଶିଶୁକନ୍ୟା

**ନୟାଗଡ଼, ୧୦।୫(ସମିସ)**

ନୟାଗଡ଼ ଜିଲ୍ଲା ଇଟାମାଟି ଥାନା ଅଞ୍ଚଳର ଜଣେ ମାନସିକ ବିକାରଗ୍ରସ୍ତ ଦିବ୍ୟାଙ୍ଗ ଯୁବତୀ ଦୁଷ୍କର୍ମର ଶିକାର ହୋଇ ଅନ୍ତଃସତ୍ତ୍ୱା ହେବା ଘଟଣାକୁ ଇଟାମାଟି ଥାନା ପୁଲିସ ଅତ୍ୟନ୍ତ ହାଲୁକା ଭାବେ ନେଇଥିବା ଅଭିଯୋଗ ହୋଇଛି। ସମ୍ବେଦନଶୀଳ ଘଟଣାକୁ ବେପରୁଆ ଭାବେ ପରିଚାଳନା କରାଯାଉଥିବାରୁ ଅଭିଯୁକ୍ତ ଖୁଲମଖୁଲା ବୁଲୁଥିବା ବେଳେ ପୀଡ଼ିତା ଓ ତାଙ୍କ ପରିବାର ନ୍ୟାୟ ଅପେକ୍ଷାରେ ରହିଛନ୍ତି। ପୀଡ଼ିତା ଏବେ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ଜନ୍ମିତ ଶିଶୁକନ୍ୟା ବାଳାଶ୍ରମରେ ରହିଛି।

ଗତ ଫେବୃଆରୀରେ ପୀଡ଼ିତା ୭ ମାସର ଅନ୍ତଃସତ୍ତ୍ୱା ହୋଇଥିବା ଘଟଣା ସାମ୍ନାକୁ ଆସିଥିଲା। ଏ ନେଇ ଯୁବତୀଙ୍କ ପରିବାର ପକ୍ଷରୁ ଇଟାମାଟି ଥାନାରେ ଅଭିଯୋଗ ହୋଇଥିଲା। ପୁଲିସ ମାମଲା ରୁଜୁ କରିଥିବା ବେଳେ ନ୍ୟାୟ ଦେବାରେ ବିଫଳ ହୋଇଛି। ଘଟଣା ସାମ୍ନାକୁ ଆସିବାର ଇତିମଧ୍ୟରେ ତିନି ମାସ ବିତିଗଲାଣି। ଯୁବତୀଙ୍କର ଗତ ମେ ୫ ତାରିଖ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୋଟିଏ ଶିଶୁକନ୍ୟା ଜନ୍ମ ହୋଇଛି। ଶିଶୁକନ୍ୟାକୁ ଲାଳନପାଳନ କରିବାକୁ ପରିବାର ପକ୍ଷରେ ସାମର୍ଥ୍ୟ ନ ଥିବାରୁ ଚାଇଲ୍ଡ ଲାଇନକୁ ହସ୍ତାନ୍ତର କରାଯାଇଛି। ଅସ୍ତ୍ରୋପଚାର ମାଧ୍ୟମରେ ଯୁବତୀ ଜଣକ ଶିଶୁକନ୍ୟାକୁ ଜନ୍ମଦେଇ ଏବେ ଡାକ୍ତରଖାନା ବେଡ୍‌ରେ ଚିକିତ୍ସାଧୀନ ଅଛନ୍ତି। ତେବେ ପୁଲିସ ତଦନ୍ତ ବାହାନାରେ ସମୟ ଗଡ଼ାଇ ଚାଲିଥିବା ବେଳେ କେବେ ନ୍ୟାୟ ମିଳିବ ବୋଲି ଯୁବତୀଙ୍କ ପରିବାର ପ୍ରଶ୍ନ କରିଛନ୍ତି।

**▶▶ ହାତବାନ୍ଧି ବସିଛି ଇଟାମାଟି ପୁଲିସ**
**▶▶ ୩ ମାସ ପରେ ବି ମିଳିଲାନି ନ୍ୟାୟ**

ଦିବ୍ୟାଙ୍ଗ ଯୁବତୀ ଜଣକ ମାନସିକ ବିକାରଗ୍ରସ୍ତ ଏବଂ ସେ କଥା ମଧ୍ୟ କହିପାରନ୍ତି ନାହିଁ। ଯାହାର ସୁଯୋଗ ନେଇ କୌଣସି ବ୍ୟକ୍ତି ଫାଇଦା ଉଠାଇଥିବା ଅଭିଯୋଗ ହୋଇଥିଲା। ଫେବୃଆରୀରେ ଯୁବତୀ ଅସୁସ୍ଥ ହେବାରୁ ପରିବାର ଲୋକେ ତାଙ୍କୁ ଡାକ୍ତରଖାନା ଆଣିଥିଲେ। ଡାକ୍ତର ଅଲଟ୍ରାସାଉଣ୍ଡ କରି ସେ ୭ ମାସର ଗର୍ଭବତୀ ଥିବା ଜଣାପଡ଼ିଥିଲା। ଯୁବତୀ କଥା କହିପାରୁ ନ ଥିବାରୁ ତାଙ୍କ ଠାରକୁ ଆଧାର କରି ପରିବାର ଲୋକେ ଅଭିଯୁକ୍ତ ସମ୍ପର୍କରେ ଥାନାରେ ଜଣାଇଥିଲେ। ତେବେ ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଥାନାକୁ ଡକାଇ ଛାଡ଼ି ଦେଇଥିଲା। ଗତ ୫ ତାରିଖ ଅପରାହ୍ଣରେ ପ୍ରସବ ବେଦନା ହେବାରୁ ତାଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଣାଯାଇଥିଲା। ଅସ୍ତ୍ରୋପଚାର ମାଧ୍ୟମରେ ତାଙ୍କର ପ୍ରସବ କରାଯାଇଥିଲା। ବିଳମ୍ବିତ ରାତିରେ ସେ ଏକ ଶିଶୁକନ୍ୟାକୁ ଜନ୍ମ ଦେଇଥିଲେ। ଶିଶୁକନ୍ୟାକୁ ଲାଳନ ପାଳନ କରିବା ଏବଂ ଯୁବତୀଙ୍କ ଜଣକ ମାନସିକ ବିକାରଗ୍ରସ୍ତ ହୋଇଥିବାରୁ ପରିବାର ଲୋକେ ଅସମର୍ଥତା ପ୍ରକାଶ କରିଥିଲେ। ଏ ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ଚାଇଲ୍ଡଲାଇନ ସହ ଯୋଗାଯୋଗ କରିବା ପରେ ଶିଶୁକନ୍ୟାକୁ ଚାଇଲ୍ଡଲାଇନ ହେପାଜତକୁ ନେଇଥିଲା। ଶିଶୁକନ୍ୟାକୁ ସା' ବାଳାଶ୍ରମରେ ରଖାଯାଇଛି। ଡାକ୍ତରଖାନା ବେଡ୍‌ରେ ପୀଡ଼ିତା ଥିବା ବେଳେ ମା' ଓ ଝିଅ ଅଲଗା ହୋଇଛନ୍ତି। ଏଭଳି ସମ୍ବେଦନଶୀଳ ଘଟଣାରେ ଇଟାମାଟି ଥାନା ପୁଲିସ କୌଣସି ପଦକ୍ଷେପ ନେବା ବଦଳରେ ଅଭିଯୁକ୍ତକୁ ଘଣ୍ଟ ଘୋଡ଼ାଉଥିବା ଯୁବତୀଙ୍କ ଭାଇ ଅଭିଯୋଗ କରିଛନ୍ତି। ଜଣେ ଦିବ୍ୟାଙ୍ଗ ଯୁବତୀଙ୍କୁ ନ୍ୟାୟ ଦେବାରେ ପୁଲିସ ବିଫଳ ହୋଇଛି ବୋଲି ସେ କହିଛନ୍ତି। ଅଭିଯୁକ୍ତ ଜଣକ ଜଣେ ବୟସ୍କ ବ୍ୟକ୍ତି ବୋଲି ପୀଡ଼ିତାଙ୍କ ଭାଇ କହିଛନ୍ତି। ଇଟାମାଟି ଥାନାର ଜଣେ ମହିଳା ଏସ୍‌ଆଇ ଏହାର ତଦନ୍ତ ଭାର ନେଇଥିବା ବେଳେ ଅଭିଯୁକ୍ତକୁ ଗିରଫ କରିବା ପାଇଁ ସମୟ ଗଡ଼ାଇ ଚାଲିଛନ୍ତି। ଅଭିଯୁକ୍ତ ଫେରାର ହୋଇଯିବା ସମ୍ଭାବନା ଥିବା ବେଳେ ପୁଲିସ ତିନିମାସ ଧରି ହାତବାନ୍ଧି ବସିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ ନିହାତି ଆବଶ୍ୟକ ହୋଇପଡ଼ିଛି। ଜିଲ୍ଲାପାଳ ଓ ଏସ୍‌ପି ଦୃଷ୍ଟି ଦେବାକୁ ପୀଡ଼ିତାଙ୍କ ପରିବାର ଦାବି କରିଛନ୍ତି।

## ଗଣିଆ ବ୍ଲକ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ଗଣିଆ, ୧୦।୫(ସମିସ):** ଗଣିଆ ବ୍ଲକ ଆଡ଼କଟା ପଦ୍ମନାଭ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ବର୍ଷାରାଣୀ ଜେନା ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ବ୍ଲକ ଟପ୍ପର ହୋଇଛନ୍ତି। ସେ ୫୪୦ ମାର୍କ ରଖି ଏହି ସଫଳତା ଲାଭ କରିଛନ୍ତି। ରବିବାର ଆଡ଼କଟାର ପୁରାତନ ଛାତ୍ର ସଂସଦ ତରଫରୁ ବର୍ଷାରାଣୀଙ୍କୁ ତାଙ୍କ ଘରେ ଭେଟି ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ପ୍ରଦାନ କରିଛନ୍ତି। ବର୍ଷାରାଣୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ବାମନ ଚରଣ ବାରିକି, ପରିଚାଳନା କମିଟି ସଭାପତି ତଥା ପୂର୍ବତନ ସମିତି ସଭ୍ୟ ଚନ୍ଦ୍ରଶେଖର ସାହୁ, ବରିଷ୍ଠ ନାଗରିକ ମାୟାଧର ସାହୁଙ୍କ ସମେତ ବହୁ ପୁରାତନ ଛାତ୍ର ଉପସ୍ଥିତ ଥିଲେ। ତେବେ ପରିତାପର ବିଷୟ, ପରୀକ୍ଷା ଫଳ ପ୍ରକାଶ ପାଇବାକୁ ଦୀର୍ଘଦିନ ବିତିଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ପ୍ରଶାସନିକ ସ୍ତରରୁ ଆରମ୍ଭ କରି ରାଜନେତାଙ୍କ ପର୍ଯ୍ୟନ୍ତ କେହି ଜଣେ ହେଲେ ବି କେହି ବ୍ଲକ ଟପ୍ପରଙ୍କୁ ଭେଟି ନ ଥିବା ବେଳେ ପୁରାତନ ଛାତ୍ର ସଂସଦର ଏଭଳି ପ୍ରୟାସକୁ ସବୁ ମହଲରେ ପ୍ରଶଂସା କରାଯାଇଛି।



## ନୟାଗଡ଼ରେ ଖୋଲିଲା ବିପି ଚେସ୍ ଏକାଡେମୀ

**ନୟାଗଡ଼, ୧୦।୫(ସମିସ):** ନୟାଗଡ଼ ପୌରାଞ୍ଚଳରେ ଚେସ ଖେଳାଳିଙ୍କ ପ୍ରଶିକ୍ଷଣ ନିମନ୍ତେ ପ୍ରଥମ ଥର ପାଇଁ ସ୍ଥାପିତ ହୋଇଛି ଚେସ ଏକାଡେମୀ। ନୟାଗଡ଼ ଟାଉନ ଷ୍ଟେସନ ରୋଡ୍‌ରେ ଥିବା ଫିଟନେସ ପ୍ଲାନେଟ ନିକଟରେ ଅବସ୍ଥିତ ଏହି ଚେସ ଏକାଡେମୀକୁ ଓଡ଼ିଶା ଚେସ ଆସୋସିଏସନ ସମ୍ପାଦକଙ୍କ ଦେବବ୍ରତ ଭଞ୍ଜ ଏବଂ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ତଥା ସମାଜସେବୀ ପ୍ରମୋଦ ପଟ୍ଟନାୟକ ରବିବାର ମିଳିତ ଭାବେ ଉଦଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ଚେସ ଆସୋସିଏସନ ସମ୍ପାଦକ ଲକ୍ଷ୍ମୀଧର ସାହୁ, ରାଜ୍ୟ ଚେସ ଆସୋସିଏସନ କାର୍ଯ୍ୟକାରିଣୀ କମିଟି ସଦସ୍ୟ ରିତେଶ ରଥ, ପୂର୍ବତନ ସଭାପତି ଶ୍ରୀଧର ସାହୁ, ସଦସ୍ୟ ବିଶ୍ୱରଞ୍ଜନ ଦାଶ ତଥା ଚେସ ଏକାଡେମୀର ନିର୍ଦ୍ଦେଶକ ବାଲାରସେନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିପି ଚେସ ଏକାଡେମୀ ନାମରେ ନାମିତ ଏହି ପ୍ରଶିକ୍ଷଣ କେନ୍ଦ୍ରକୁ ରାଜ୍ୟ ତଥା ରାଜ୍ୟ ବାହାରୁ ବିଶିଷ୍ଟ କୋଚ୍‌ମାନେ ଆସି ପ୍ରଶିକ୍ଷଣ ଦେବେ ବୋଲି ଜଣାପଡ଼ିଛି।




## ଲଡୁବାବାଙ୍କ ପୀଠରେ ଭଉଁରୀ ଯାତ୍ରା



**ଶରଣକୁଳ, ୧୦।୫(ସମିସ):** ଶରଣକୁଳ ଲଡୁବାବାଙ୍କ ପୀଠରେ ଚନ୍ଦନ ଯାତ୍ରାର ଅନ୍ତିମ ଦିବସରେ ରବିବାର ଭଉଁରୀ ଯାତ୍ରା ପାଳିତ ହୋଇଛି। ମନ୍ଦିର ପୁଷ୍କରିଣୀ ଚତୁଃପାର୍ଶ୍ୱରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଭୋର ୫ଟାରେ ବଡ଼ପଣ୍ଡା ଓ ସେବାୟତମାନେ ଠାକୁରଙ୍କର ପହୁଡ଼ ଭାଙ୍ଗି ଅବକାଶ ନୀତି ଆରମ୍ଭ କରିଥିଲେ। ଠାକୁରଙ୍କ ବଲ୍ଲଭ ଓ ଶଙ୍ଖୁଡ଼ି ଧୂପ, କ୍ଷୀରାଭିଷେକ ହୋଇ ସକାଳର ସମସ୍ତ ନୀତି ଶେଷ ହୋଇଥିଲା। ପରେ ବାବାଙ୍କ ବିଜେ ପ୍ରତିମା ଚନ୍ଦ୍ରଶେଖର ଓ ମା' ପାର୍ବତୀ ସୁସଜ୍ଜିତ ବିମାନରେ ଆସି ପୁଷ୍କରିଣୀରେ ଜଳକ୍ରୀଡ଼ା ପାଇଁ ନାବରେ ଉପବେଶନ ହୋଇଥିଲେ। ମଧ୍ୟାହ୍ନ ଜଳକ୍ରୀଡ଼ା ପରେ ଚନ୍ଦନ ମଣ୍ଡପରେ ପୂଜାର୍ଚ୍ଚନା କରାଯାଇ ଚନ୍ଦନ କର୍ପୂର ମିଶ୍ରିତ ଜଳ କୁଣ୍ଡରେ ରହିଥିଲେ। ସନ୍ଧ୍ୟାରେ ଠାକୁରଙ୍କର ଆଳତି ପରେ ସ୍ନାନ ସହ ସୁସଜ୍ଜିତ କରାଯାଇ ସମସ୍ତ ନୀତି ସମାପନ ହୋଇଥିଲା। ମନ୍ଦିରରୁ ଚନ୍ଦ୍ରଶେଖର, ମା' ପାର୍ବତୀ, ଲକ୍ଷ୍ମୀନାରାୟଣ ଓ ହରିହରପୁର ଦଧିବାମନଜୀଉ ମିଶି ସୁସଜ୍ଜିତ ନାବରେ ଉପବେଶନ ହୋଇ ପୁଷ୍କରିଣୀରେ ୨୧ ଘେରା ଜଳକ୍ରୀଡ଼ା କରିଥିଲେ। ସେଠାରୁ ଏକ ପଟୁଆରରେ ତିନି ଠାକୁର ସୁସଜ୍ଜିତ ତିନିଟି ବିମାନରେ ତଳ ବଜାରଠାରେ ଥିବା ଚାଳି ମଣ୍ଡପକୁ ବିଜେ କରିଥିଲେ। ସେଠାରେ ଠାକୁରଙ୍କୁ ଶୋଡ଼ଶ ଉପଚାରରେ ମନ୍ଦିର ପୂଜା ପଣ୍ଡା ପୂଜାର୍ଚ୍ଚନା କରିବା ସହିତ ସ୍ୱତନ୍ତ୍ର ଭୋଗ ଲାଗି କରାଯାଇଥିଲା। ମନ୍ଦିର ପ୍ରଶାସନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମନ୍ଦିର ପରିଚାଳକ ସୁବାସ ଚନ୍ଦ୍ର ବରାଡ଼ କାର୍ଯ୍ୟକ୍ରମ ପରିଚଳନା କରିଥିବାବେଳେ ମନ୍ଦିର ପରିଚ୍ଛା ତୋଷବନ୍ତ କର, ପୂଜାପଣ୍ଡା ସୁନୀଲ ବଡ଼ପଣ୍ଡା, ଆଶିଷ କୁମାର ମହାପାତ୍ରଙ୍କ ସମେତ ବହୁ ସେବାୟତ ନୀତିକାନ୍ତିରେ ସହଯୋଗ କରିଥିଲେ।

## ଯାତ୍ରୀଙ୍କୁ ଶୋଷଣ କରୁଛି ଘରୋଇ ବସ୍

**ନୂଆଗାଁ, ୧୦।୫(ସମିସ):** ଘରୋଇ ବସଗୁଡ଼ିକ ଯାତ୍ରୀଙ୍କୁ ଶୋଷଣ କରୁଥିବା ନେଇ ନୂଆଗାଁ ବ୍ଲକ ବାହାଡ଼ାଝୋଲା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ରାଜ୍ୟ ସରକାରଙ୍କ ନିୟମଠାରୁ ବହୁତ ଅଧିକ ଭଡ଼ା ଆଦାୟ କରାଯାଉଛି। ବାହାଡ଼ଝୋଲା ଆସିବାକୁ ଥିବା ବସଗୁଡ଼ିକ ମାଣିକପାଟଣା ଛକରୁ ଯାତ୍ରୀଙ୍କୁ ଓହ୍ଲାଇ ଦେଉଥିବାରୁ ଯାତ୍ରୀଙ୍କୁ ଚାଲି ଚାଲି ଯିବାକୁ ପଡୁଛି। ଘରୋଇ ବସଗୁଡ଼ିକର ମନମାନିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବୃଦ୍ଧି ପାଉଛି। ଯାହାକୁ ନେଇ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଏକ ଟିମ୍ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର କପି ଜିଲ୍ଲା ପରିବହନ ବିଭାଗକୁ ପ୍ରଦାନ କରାଯାଇଥିବା ସଭାପତି ନାରାୟଣ ବେହେରା ସୂଚନା ଦେଇଛନ୍ତି।

## ମଦନମୋହନଙ୍କ ଭଉଁରୀ ଯାତ୍ରା

**ଖଣ୍ଡପଡ଼ା, ୧୦।୫(ସମିସ):** ଖଣ୍ଡପଡ଼ା ସହର ଜଗନ୍ନାଥ ମନ୍ଦିରରେ ଦୀର୍ଘ ୨୧ ଦିନ ଧରି ଚାଲିଥିବା ମହାପ୍ରଭୁ ଶ୍ରୀମଦନ ମୋହନଙ୍କ ଭଉଁରୀ ଯାତ୍ରା ଚଳିତ ବର୍ଷ ଶେଷ ହୋଇଛି। ପବିତ୍ର ଅକ୍ଷୟ ତୃତୀୟା ତିଥିରୁ ପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମଦନମୋହନ ଓ ମା' ଲକ୍ଷ୍ମୀ ମନ୍ଦିର ପରିସରସ୍ଥ ବିରାଟ ପାଣି କୁଣ୍ଡରେ ଚାପ ଖେଳିଥିଲେ। ଅନ୍ତିମ ଦିବସରେ ବିମାନ ଯୋଗେ ବିଗ୍ରହଙ୍କୁ ଶୋଭାଯାତ୍ରାରେ ନିକଟସ୍ଥ ବଡ଼ ପୋଖରୀ ନିକଟକୁ ନିଆଯାଇଥିଲା। ସେଠାରେ ପ୍ରଭୁଙ୍କୁ ଭୋଗ ଲାଗି କରାଯିବା ସହ ଚାପଖେଳ କରାଯାଇଥିଲା। ଏହି ଦିବ୍ୟ ଦୃଶ୍ୟକୁ ଶ୍ରଦ୍ଧାଳୁମାନେ ଉପଭୋଗ କରିଥିଲେ। ପ୍ରଭୁଙ୍କର ଚାପ ଖେଳ ନୀତି ଶେଷ ପରେ ରାତି ୯ଟାରେ ବିମାନ ଯୋଗେ ପ୍ରଭୁ ଶ୍ରୀମଦନ ମୋହନ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ।

## ପୋଖରୀରେ ବୁଡ଼ି ବୃଦ୍ଧ ମୃତ

**ଖଣ୍ଡପଡ଼ା, ୧୦।୫(ସମିସ):** ପୋଖରୀରେ ବୁଡ଼ି ଖଣ୍ଡପଡ଼ା ବ୍ଲକ ଶାଳଝରିଆ ଗ୍ରାମର ଅଭୟ ବେହେରା (୭୦)ଙ୍କ ମୃତ୍ୟୁ ହୋଇଛି। ଶନିବାର ସନ୍ଧ୍ୟାରେ ଅଭୟ ଗାଁ ନିକଟ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ତେବେ ଅସାବଧାନତା ବଶତଃ ସେ ପାଣିରେ ବୁଡ଼ିଯାଇଥିଲେ। ଦୀର୍ଘ ସମୟ ପରେ ତାଙ୍କୁ ଉଦ୍ଧାର କରାଯାଇଥିଲେ ମଧ୍ୟ ସେତେବେଳକୁ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ରବିବାର ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଖଣ୍ଡପଡ଼ା ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ କୃତିବାସ ହରିଚନ୍ଦନ ସୂଚନା ଦେଇଛନ୍ତି।

## ନୀଳମାଧବଙ୍କ ଚନ୍ଦନଯାତ୍ରା ଉଦ୍‌ଯାପିତ

# ୨୧ ଚାପ ଖେଳିଲେ ଶ୍ରୀଜିଉ



**ଖଣ୍ଡପଡ଼ା/କଣ୍ଟିଲୋ, ୧୦।୫(ସମିସ):** ରାଜ୍ୟର ପ୍ରମୁଖ ଧାର୍ମିକ ପର୍ଯ୍ୟଟନସ୍ଥଳୀ ତଥା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟକ୍ଷେତ୍ର କଣ୍ଟିଲୋ ଶ୍ରୀନୀଳମାଧବଙ୍କ ପୀଠରେ ଏପ୍ରିଲ ୨୦ ଅକ୍ଷୟତୃତୀୟାରୁ ଆରମ୍ଭ ହୋଇଥିବା ୨୧ ଦିନିଆ ବାହାର ଚନ୍ଦନ ଯାତ୍ରା ରବିବାର ଭଉଁରୀରେ ଉଦଯାପିତ ହୋଇଛି। ରୀତିନୀତି ଅନୁଯାୟୀ ଶ୍ରୀବିଗ୍ରହ କଣ୍ଟିଲୋର ସମସ୍ତ ସାହି ପରିକ୍ରମା କରିବା ସହ ପାରମ୍ପରିକ ଚାଚେରୀ ଭୋଗଖିଆ



ନୀତି ସମ୍ପନ୍ନ ହୋଇଥିଲା। ବଜାରସ୍ଥିତ ଚନ୍ଦନ ପୋଖରୀରେ ପୂର୍ବରୁ ଅପେକ୍ଷାରତ ନନ୍ଦା ଓ ଭଦ୍ରା ୨୧ ଦିନ ଧରି ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଗ୍ରହଙ୍କୁ ଜଳକ୍ରୀଡ଼ା କରାଇଥିଲେ। ରବିବାର ଅନ୍ତିମ ସନ୍ଧ୍ୟାରେ ପବିତ୍ର ଉତ୍କଳଭଉଁରୀ ଅବସରରେ ପ୍ରଭୁଙ୍କ କ୍ଷେତ୍ର ଚଳଚଞ୍ଚଳ ହୋଇଉଠିଥିଲା। ନୀଳମାଧବ ପରିବାର, ପଞ୍ଚାୟତ କର୍ତ୍ତୃପକ୍ଷ ଓ ଦେବୋତ୍ତର ବିଭାଗ ପକ୍ଷରୁ ଚନ୍ଦନ ପୋଖରୀକୁ ଆକର୍ଷଣୀୟ ଆଲୋକମାଳାରେ ସାଜସଜ୍ଜା କରାଯିବା ସହ ସନ୍ଧ୍ୟାରେ ସୁନାମଧନ୍ୟ କଣ୍ଠଶିଳ୍ପୀ ରବୀନ୍ଦ୍ର ମହାପାତ୍ରଙ୍କ ଦ୍ୱାରା ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାତି ୯ଟାରେ ସୁସଜ୍ଜିତ ବିମାନରେ ଶ୍ରୀନୀଳମାଧବଙ୍କ ଚଳନ୍ତି ପ୍ରତିମା ମଦନମୋହନ, ଲକ୍ଷ୍ମୀ, ସରସ୍ୱତୀ, ଶିବପାର୍ବତୀଙ୍କୁ ଘଣ୍ଟ, ମୃଦଙ୍ଗ, କାହାଳୀ ବଜାଇ ଆଧ୍ୟାତ୍ମିକ ପରିବେଶରେ ସେବାୟତଙ୍କ ସହ ସ୍ଥାନୀୟ ସରପଞ୍ଚ ଶ୍ରୀୟାରାଣୀ ବେହେରା ଚନ୍ଦନ ପୋଖରୀ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ସେଠାରେ ପୂଜାର୍ଚ୍ଚନା କରାଯିବା ସହ ୨୧ ଘେରା ଚାପ ଖେଳ ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କ ଏହି ଚାପ ନୀତି ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

ଉତ୍ସବରେ ଜିଲ୍ଲାପାଳ ମଧୁମିତା ରଥ ମୁଖ୍ୟଅତିଥି, ବିଧାୟକ ଙ୍କ ଦୁଷ୍ମନ୍ତ କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେବାୟତ ସଂଘ ସଭାପତି ନୀହାର ରଞ୍ଜନ ମିଶ୍ର, ମନୋଜ ମିଶ୍ର, ହୃଷୀକେଶ ମିଶ୍ର, ବାବୁଲି ମିଶ୍ର, ନୀଳମାଧବ ମିଶ୍ର, ନୀଳମାଧବ ପରିବାର ପକ୍ଷରୁ ପ୍ରକାଶ ନାୟକ, ମାଧବ ଚନ୍ଦ୍ର ମହାରଣା, ଗୋପାଳ ଅଗ୍ରୱାଲ, ପ୍ରକାଶ ସାହୁ, ସାହିଲ, ମୂର୍ତ୍ତି କାରିଗର ପ୍ରଶାନ୍ତ କୁମାର ସାହୁ, ସରୁଆ ପ୍ରମୁଖ ସହଯୋଗ କରିଥିଲେ। ଦେବୋତ୍ତର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ଖଣ୍ଡପଡ଼ା ତହସିଲଦାର ବିଶ୍ୱ ବିଶ୍ରୁତ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଖଣ୍ଡପଡ଼ା ଥାନା ଅଧିକାରୀ କୃତିବାସ ହରିଚନ୍ଦନ, କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ କୁମାର ଦାସଙ୍କ ସମେତ ପୁଲିସ ଫୋର୍ସ ଶାନ୍ତିଶୃଙ୍ଖଳା ଦାୟିତ୍ୱ ନିର୍ବାହ କରିଥିଲେ। ସୋମବାର ବାସି ଭଉଁରୀ ଭୋଗ ଲାଗି ହୋଇ ବିଗ୍ରହମାନେ ସ୍ୱ-ସ୍ଥାନକୁ ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ମିଳିଛି।

## ରଘୁନାଥଜୀଉଙ୍କ ବାହାର ଚନ୍ଦନ ଯାତ୍ରା ଶେଷ

**ଓଡ଼ଗାଁ, ୧୦।୫(ସମିସ):** ଓଡ଼ଗାଁର ଆରାଧ୍ୟ ଦେବତା ଶ୍ରୀ ରଘୁନାଥଜୀଉଙ୍କ ପବିତ୍ର ବାହାର ଚନ୍ଦନ ଯାତ୍ରା ରବିବାର ଭବ୍ୟ ଆୟୋଜନ ମଧ୍ୟରେ ସମାପ୍ତ ହୋଇଛି। ସୋମବାର ଠାରୁ ୨୧ ଦିନ ବ୍ୟାପୀ ଭିତର ଚନ୍ଦନ ଯାତ୍ରା ଆରମ୍ଭ ହେବ ବୋଲି ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ରବିବାର ଅପରାହ୍ଣରେ ଶ୍ରୀ ରଘୁନାଥଜୀଉ, ଭ୍ରାତା ଲକ୍ଷ୍ମଣ ଓ ମାତା ସୀତାଙ୍କ ବିଜେ ପ୍ରତିମା ଥାଟପାଟ ଓ ପଟୁଆରରେ ସୁସଜ୍ଜିତ ସ୍ୱତନ୍ତ୍ର ବିମାନରେ ରାମସାଗର ପୁଷ୍କରିଣୀ ମଣ୍ଡପକୁ ବିଜେ କରିଥିଲେ। ସଜ୍ଜିତ ଚାପଡଙ୍ଗାରେ ବସି ଏକ ଘେରା ଚାପଖେଳିବା ପରେ ପୁଷ୍କରିଣୀ ମଧ୍ୟସ୍ଥ ଚାପଗୃହକୁ ବିଜେ କରିଥିଲେ। ଭୋଗ ନୈବେଦ୍ୟ ଓ ଆଳତି ପରେ ବିଜେ ପ୍ରତିମାମାନେ ଚନ୍ଦନ ପାଣିରେ ବୁଡ଼ି ରହିଥିଲେ। ମନ୍ଦିର ନୀତି ସମାପ୍ତ ପରେ ବିଳମ୍ବିତ ରାତିରେ ଭକ୍ତ ହନୁମାନଙ୍କ ସହ ରାମେଶ୍ୱର ମହାଦେବ ଏବଂ ରାଧାକୃଷ୍ଣଜୀଉ ସ୍ୱତନ୍ତ୍ର ବିମାନରେ ରାମସାଗର ପୁଷ୍କରିଣୀ ମଣ୍ଡପକୁ ବିଜେ କରିଥିଲେ। ଭୋଗ ଓ ଆଳତି ପରେ ସମସ୍ତ ବିଜେ ପ୍ରତିମା ମିଳିତ ଭାବେ ୨୦ ଘେରା ଚାପ ଖେଳିଥିଲେ। ଏହି ଅବସରରେ ରାତିସାରା ମନ୍ଦିର ଖୋଲା ରହିଥିଲା ଓ ଭକ୍ତଙ୍କ ଭିଡ଼ ଲାଗି ରହିଥିଲା। ପରଦିନ ଭୋର ସମୟରେ ନୀତିକାନ୍ତି ସମାପନ ପରେ ଘଣ୍ଟ, ଘଣ୍ଟା, ଖୋଳ, ତାଳ, କାହାଳୀ, ମଶାଲ, ଛତି ଓ ତ୍ରାସ ସହ ଠାକୁରମାନେ ଓଡ଼ଗାଁ ନଗର ପରିକ୍ରମାରେ ବାହାରିଥିଲେ। ପୂର୍ବ ନିର୍ଦ୍ଧାରିତ ଘରୋଇ ସ୍ଥାନ ସହ ଓଡ଼ଗାଁ ତହସିଲ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟ, ଏନଏସି, ଥାନା, ବନାଞ୍ଚଳ କାର୍ଯ୍ୟାଳୟ, ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ ସରକାରୀ-ବେସରକାରୀ ଅନୁଷ୍ଠାନରେ ଶ୍ରୀଜୀଉମାନେ ଚାଚେରୀ ଭୋଗ ନୈବେଦ୍ୟ ଗ୍ରହଣ କରିଥିଲେ। ଏହି ଅବସରରେ ସମଗ୍ର ଓଡ଼ଗାଁ ଅଞ୍ଚଳରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।



**ଆଜିଠୁ ଭିତର ଚନ୍ଦନ ଯାତ୍ରା**

## ରାସ୍ତାକଡ଼ରେ ମୁକୁଳା ଟ୍ରାନ୍ସଫର୍ମର

**ରଣପୁର, ୧୦।୫(ସମିସ):** ରଣପୁର ବ୍ଲକ ରାଜସୁନାଖଳା ବିଦ୍ୟୁତ ବିଭାଗ ଅଧୀନ ସୁର୍କାବାଡ଼ି ତଳସାହି ଯୁବକ ସଂଘ ଘର ନିକଟ ପୂଜା ମଣ୍ଡପ ପାଖରେ ରହିଛି ୬୩ କେଭି ବିଶିଷ୍ଟ ବିଦ୍ୟୁତ୍ ଟ୍ରାନ୍ସଫର୍ମର। ଗାଁ ମୁଣ୍ଡ ବଜାରରେ ବସିଛି ୧୦୦ କେଭିର ଟ୍ରାନ୍ସଫର୍ମର। ଟ୍ରାନ୍ସଫର୍ମର ଦୁଇଟି ଗାଁରେ ଥିବା ଆରଡି ରାସ୍ତା ପାଖରେ ରହିଛି। ମାତ୍ର ଏହି ଉଚ୍ଚଶକ୍ତିସମ୍ପନ୍ନ ଟ୍ରାନ୍ସଫର୍ମର ଏବେ ମୁକୁଳା ପଡ଼ିଛି। ଟ୍ରାନ୍ସଫର୍ମରଠାରୁ ଟାଟା ପାୱାର କାର୍ଯ୍ୟାଳୟ ୧୫ କିଲୋମିଟର ଦୂରରେ ରହିଛି। ହେଲେ ଏଥିପ୍ରତି ବିଭାଗର ନିଘା ନ ଥିବା ଅଭିଯୋଗ ହୋଇଛି।



ନିୟମାନୁଯାୟୀ ଟ୍ରାନ୍ସଫର୍ମରଗୁଡ଼ିକ ଜନବସତିଠାରୁ ଦୂରରେ ବସାଇବା ସହ ଚାରିପାଖରେ ପାଚେରି କରାଯିବା କଥା। ଫଳରେ ବାହାରୁ କୌଣସି ଜୀବଜନ୍ତୁ କିମ୍ବା ଲୋକମାନେ ସେହି ପରିସରକୁ ପ୍ରବେଶ କରିପାରିବେ ନାହିଁ। କିନ୍ତୁ ଏହି ଟ୍ରାନ୍ସଫର୍ମର ରାସ୍ତାଠାରୁ ମାତ୍ର ୨ରୁ ୪ଫୁଟ ଉଚ୍ଚରେ ଥିବାବେଳେ କୌଣସି ବାଡ଼ ଘେରାଯାଇନାହିଁ। ଏହାମଧ୍ୟକୁ ଗୃହପାଳିତ ପଶୁ, ବୁଲା କୁକୁର ଏବଂ ଛୋଟ ପିଲାମାନେ ଅବାଧରେ ପ୍ରବେଶ କରୁଛନ୍ତି। ଏପରି କି ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ଅନେକ ଜୀବଜନ୍ତୁଙ୍କ ମୃତ୍ୟୁ ଘଟିଛି। କିନ୍ତୁ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି କେତେବେଳେ ଯେ କାହାର ଜୀବନ ଯିବ ତାହା କହି ହେବ ନାହିଁ। ବିଦ୍ୟୁତ୍ ବିଭାଗର ଖାମଖିଆଲ ମନୋଭାବ ଯୋଗୁଁ ଟ୍ରାନ୍ସଫର୍ମରଗୁଡ଼ିକର ରକ୍ଷଣାବେକ୍ଷଣ ଠିକ୍‌ରେ ହେଉନାହିଁ। ତେଣୁ କମ ଉଚ୍ଚରେ ଥିବା ଟ୍ରାନ୍ସଫର୍ମର ଚାରିପାଖରେ ତୁରନ୍ତ ପାଚେରି ନିର୍ମାଣ କରିବା ସହିତ ରକ୍ଷଣାବେକ୍ଷଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ବିଜେଡିର ବନ୍ଧୁମିଳନ ଓ ସାଂଗଠନିକ ବୈଠକ

**ନୟାଗଡ଼, ୧୦।୫(ସମିସ):** ନୟାଗଡ଼ ବିଜେଡି ପକ୍ଷରୁ ରବିବାର ବୁଢ଼ିଝରୀ ଫାର୍ମ ହାଉସରେ ବନ୍ଧୁମିଳନ ଓ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଛି। ନୟାଗଡ଼ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ବରିଷ୍ଠ ନେତ୍ରୀ ଇରାନୀ ରାୟ ଯୋଗଦେଇ ଦଳୀୟ ସଂଗଠନ ସମ୍ପର୍କରେ ଆଲୋଚନା କରିଛନ୍ତି। ବ୍ଲକ ଅଧ୍ୟକ୍ଷ ସାହୁ ଦଳକୁ ମଜବୁତ କରିବା ଏବଂ ବିଧାୟକଙ୍କ ହାତମୁଠାକୁ ଟାଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ନୟାଗଡ଼ ବ୍ଲକର ୨୯ ପଞ୍ଚାୟତରେ ସାଂଗଠନିକ କାର୍ଯ୍ୟକୁ ତୃଣମୂଳ ସ୍ତରରୁ ଆରମ୍ଭ କରିବା, ସଂଗଠନକୁ ମଜବୁତ କରିବା ଉପରେ ଆଲୋଚନା ହୋଇଛି। ବୈଠକରେ ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ, ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂ, ସୁବାସ କହଁର, ବ୍ଲକ ବିଜେଡି ସଭାପତି ନିରଞ୍ଜନ ବିଧାର, ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ, ମୁଥାଗାଡ଼ିଆ ସମିତିସଭ୍ୟ ଦିଲୀପ କୁମାର ହାତୀ ପ୍ରମୁଖ ଦଳକୁ ସଂଗଠିତ କରିବା ଉପରେ ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ଯୋଗଦେଇଥିଲେ।



ଭଞ୍ଜକିଶୋର ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଲକ୍ଷ୍ମୀପ୍ରସାଦ ସରପଞ୍ଚ

## ଗଣିଆ କଲେଜରେ କର୍ମଚାରୀଙ୍କ ଧାରଣା

# ଦାଣ୍ଡରେ ଗଡୁଛି ଶିକ୍ଷା ବିଭାଗର ଇଜ୍ଜତ

**ନୟାଗଡ଼, ୧୦।୫(ସମିସ)**



ଗଣିଆ ରଘୁନାଥଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କର୍ମଚାରୀଙ୍କ ଧାରଣାକୁ ସପ୍ତାହ ବିତିଲାଣି। ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସମେତ କର୍ମଚାରୀ ଓ ଛାତ୍ରଛାତ୍ରୀ ମଧ୍ୟ ଧାରଣାରେ ସାମିଲ ହୋଇଛନ୍ତି। ଗଣିଆ ଅଞ୍ଚଳର ଶହ ଶହ ସଂଖ୍ୟାରେ ବ୍ୟକ୍ତି ଅଧ୍ୟକ୍ଷାଙ୍କୁ ବଦଳି ପାଇଁ ଦସ୍ତଖତ ଅଭିଯାନ ଚଳାଇଛନ୍ତି। ତଥାପି ଜିଲ୍ଲା ପ୍ରଶାସନ ଏହି ଘଟଣାରେ ହସ୍ତକ୍ଷେପ ନ କରିବା ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। କଲେଜ ପରିଚାଳନା କମିଟି ସଭାପତି ତଥା ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ଅଧ୍ୟକ୍ଷାଙ୍କୁ ଘଣ୍ଟ ଘୋଡ଼ାଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷାଙ୍କ ମନମାନିକୁ ନେଇ ଅସନ୍ତୋଷ ବୃଦ୍ଧି ପାଇବା ସହ କର୍ମଚାରୀମାନେ ଜିଦରେ ଅଟଳ ରହିଛନ୍ତି। ଅଧ୍ୟକ୍ଷାଙ୍କ ବିରୋଧରେ ଲମ୍ବା ଅଭିଯୋଗ ଫର୍ଦ୍ଦ ଧରି ଧାରଣା ଚାଲିଥିବା ବେଳେ ଆଜି ପର୍ଯ୍ୟନ୍ତ ଉପଜିଲ୍ଲାପାଳ ଧାରଣାସ୍ଥଳକୁ ଯାଇ ଆଲୋଚନା କରିନାହାନ୍ତି। ଅଧ୍ୟକ୍ଷା ସଲୀଳା ସେଠୀଙ୍କ ବଦଳି ଦାବି ଦିନକୁ ଦିନ ବଢ଼ିବାରେ ଲାଗିଛି। ଅଧ୍ୟକ୍ଷା ଜଣେ କର୍ମଚାରୀଙ୍କ ନାମରେ ଜାତିଆଣ ଆକ୍ଷେପ ମାମଲା ରୁଜୁ କରି ତାଙ୍କୁ ଡେପୁଟେସନରେ ଅନ୍ୟତ୍ର ବଦଳି କରିବା ଘଟଣାରୁ ଏହି ବିବାଦ ଉଗ୍ରରୂପ ଧାରଣା କରିଛି। ଡିଗ୍ରୀ ମହାବିଦ୍ୟାଳୟ ଲାଇବ୍ରେରୀ ଓ ଅନ୍ୟ କିଛି ରୁମକୁ ଅଧ୍ୟକ୍ଷା ତାଲା ପକାଇବା ଘଟଣା ଅସନ୍ତୋଷ ଉପରେ ନିଆଁ ଲଗାଇଛି। ଏହି ଘଟଣାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଧାରଣରେ ବସିଥିବା କର୍ମଚାରୀଙ୍କ ସହ କୌଣସି ଆଲୋଚନା କରାଯାଇ ନ ଥିବା ସୂଚନା ମିଳିଛି। ସମାନଭାବେ ସାଂସଦ ଓ ବିଧାୟକ କଲେଜକୁ ନେଇ ରାଜନୀତି ମଇଦାନରେ ମୁହାଁମୁହିଁ ହେଉଥିବା ବେଳେ ଏଭଳି ଏକ ସମ୍ବେଦନଶୀଳ ଘଟଣାର ସମାଧାନ କରିବାକୁ ଉଦ୍ୟମ ନ କରିବା ସମସ୍ତଙ୍କୁ ଆଚମ୍ବିତ କରିଛି। ଶିକ୍ଷା ବିଭାଗର ଇଜ୍ଜତ ଦାଣ୍ଡରେ ଗଡୁଥିବା ବେଳେ ସମସ୍ତେ ନିରବଦ୍ରଷ୍ଟା ସାଜିବା ଜଟିଳ ପରିସ୍ଥିତି ସୃଷ୍ଟି କରିଛି। କର୍ମଚାରୀଙ୍କ ସହ ଆଲୋଚନା କରାଯାଇ ଏହାର ସମାଧାନ କିମ୍ବା କାର୍ଯ୍ୟାନୁଷ୍ଠାନ ପାଇଁ ଗଣିଆବାସୀ ଦାବି କରିଛନ୍ତି। ତେବେ ଘଟଣା ସମ୍ପର୍କରେ ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାରଙ୍କ ମତାମତ ନେବାରେ, ତାଙ୍କୁ ଏ ବିଷୟରେ କେହି ଅଭିଯୋଗ କରି ନ ଥିବା କହିଛନ୍ତି। ସେମାନେ ମୋତେ ନ ଜଣାଇ ଧାରଣା ଦେଇଛନ୍ତି। ସେମାନେ ଆସି ଆଲୋଚନା କରନ୍ତୁ ବୋଲି ସମାଦ୍ଦାର କହିଛନ୍ତି।

**ଚୁପ୍ ବସିଛି ପ୍ରଶାସନ, ବଢୁଛି ଅସନ୍ତୋଷ**
**ଅଧ୍ୟକ୍ଷାଙ୍କୁ ସୁରକ୍ଷା ଦେଉଛନ୍ତି କି ଉପଜିଲ୍ଲାପାଳ**
**ନିରବଦ୍ରଷ୍ଟା ସାଜିଛନ୍ତି ସାଂସଦ, ବିଧାୟକ**

## ଚୋରିବୋଲେରୋ ଉଦ୍ଧାର

**କଣ୍ଟିଲୋ, ୧୦।୫(ସମିସ):** ଖଣ୍ଡପଡ଼ା ଥାନା ଅନ୍ତର୍ଗତ ସିଧାମୂଳା ଗ୍ରାମରୁ ଚୋରି ହୋଇଥିବା ବୋଲେରୋ ଗାଡ଼ି ପିପିଲିରୁ ଉଦ୍ଧାର ହୋଇଛି। ଖଣ୍ଡପଡ଼ା ପୁଲିସ, ପିପିଲି ପୁଲିସ ସହାୟତାରେ ଚୋରି ବୋଲେରୋକୁ ଉଦ୍ଧାର କରାଯାଇଛଇ। ତେବେ ଚୋର ଚମ୍ପଟ ମାରିଛନ୍ତି। ସିଧାମୂଳାର ଯୁଧିଷ୍ଠିର ମନ୍ତ୍ରୀ ପ୍ରତିଦିନ ପରି ନିଜ ବୋଲେରୋକୁ ନିଜ ଘର ନିକଟରେ ପାର୍କିଂ କରିଥିଲେ। ମଙ୍ଗଳବାର ରାତିରେ ବୋଲେରୋ ଚୋରି ହୋଇଯାଇଥିଲା। ଏନେଇ କଣ୍ଟିଲୋ ଫାଣ୍ଡିରେ ଅଭିଯୋଗ ପରେ ପୁଲିସ ତତ୍ପରତା ପ୍ରକାଶ କରିଥିଲା। ଖଣ୍ଡପଡ଼ା ପୁଲିସ ସବୁ ଥାନାରେ ସୂଚନା ଦେବା ସହ ଅନୁସନ୍ଧାନ କରିଥିଲା। ଖଣ୍ଡପଡ଼ା ଥାନା ଆଇଆଇସି କୃତିବାସ ହରିଚନ୍ଦନଙ୍କ ନେତୃତ୍ୱରେ କଣ୍ଟିଲୋ ଫାଣ୍ଡି ଅଧିକାରୀ ସ୍ୱାଗତ ଦାସଙ୍କ ସହ ଏକ ଟିମ ପିପିଲି ଯାଇ ବୋଲେରୋକୁ ଉଦ୍ଧାର କରି ଯୁଧିଷ୍ଠିରଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି।

# କେରଙ୍ଗ ବାର୍ଷିକ ଶାନ୍ତି ସମ୍ମିଳନୀ ଉଦ୍‌ଯାପିତ



**ଖୋର୍ଦ୍ଧା, ୧୦।୫(ସମିସ):** କେରଙ୍ଗ ଅହମଦିୟା ମୁସଲିମ ସଂଗଠନ ଆନୁକୂଲ୍ୟରେ ଦୁଇ ଦିନ ଧରି ଚାଲିଥିବା ୫୯ତମ କେରଙ୍ଗ ବାର୍ଷିକ ଶାନ୍ତି ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ଆଜିର ପ୍ରଥମ ଅଧିବେଶନରେ କେରଙ୍ଗ ସଭାପତି ୱାସିମ୍ ଅହମ୍ମଦ ଖାଁ ପୌରୋହିତ୍ୟ କରିଥିଲେ। ସଭାକାର୍ଯ୍ୟ ନାସର ଖାଁଙ୍କ କୋରାନ ଆବୃତିରୁ ଆରମ୍ଭ ହୋଇଥିଲା। ଓଡିଆ ଅନୁବାଦ ହଲିମୁଦ୍ଦିନ ଖାଁ ପଢ଼ି ଶୁଣାଇଥିଲେ। ଉର୍ଦ୍ଦୁ ନଜମ ସଙ୍ଗୀତ ଓସି ଆହମ୍ମଦ ଖାଁ ପରିବେଷଣ କରିଥିଲେ। ଅତିଥିଭାବେ ମୌଲାନା ଅଖତରୁଦ୍ଦିନ ଖାଁ, ମୌଲାନା ସୟଦ ଫଜଲେ ନଇମ, ମୌଲାନା ସେକ୍ ଇସହାକ ଯୋଗଦେଇ ଉତ୍ତମ ଚରିତ୍ର ଗଠନ ପାଇଁ ଇସଲାମୀୟ ନୀତି ଶିକ୍ଷା ଉପରେ ଆଲୋକପାତ କରିଥିଲେ। ଉଦଯାପନୀ ସମାରୋହରେ ଅହମଦିୟା ମୁସଲିମ କେନ୍ଦ୍ରୀୟ ସଂସ୍କାର ଓ ନିର୍ଦ୍ଦେଶ ସଚିବ ମୌଲାନା ଅତାଉଲ ମୁଜିବ ଲୋନଙ୍କ ପୌରୋହିତ୍ୟରେ ମୁଖ୍ୟବକ୍ତାଭାବେ କଟକର ମୌଲାନା ଫଜଲ ହକ ଖାନ ଯୋଗଦେଇ କହି ବିଶ୍ୱରେ ସ୍ଥାୟୀ ଶାନ୍ତି, ଭ୍ରାତୃଭାବ ଓ ଏକତା ତଥା ଅଖଣ୍ଡତା ପ୍ରତିଷ୍ଠା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

ସମ୍ମିଳନୀରେ ସମ୍ମାନୀତ ଅତିଥିଭାବେ ଜଟଣୀ ପୂର୍ବତନ ବିଧାୟକ ସୁରେଶ ରାଉତରାୟ, ପୂର୍ବତନ କଟକ ବିଧାୟକ ତଥା ଓଡ଼ିଶା ଜନତା କଂଗ୍ରେସ ଦଳର ସଭାପତି ମହମ୍ମଦ ମୋକିମ୍, ସ୍କୁଲ ସବ୍ ଇନ୍ସପେକ୍ଟର ରବି ଶତପଥୀ, ବିଜେଡ଼ି ନେତା ମନ୍ମଥ ରାଉତରାୟ ପ୍ରମୁଖ ଯୋଗ ଦେଇଥିଲେ। ଉଚ୍ଚଶିକ୍ଷା କ୍ଷେତ୍ରରେ କେରଙ୍ଗର ଉତିର୍ନ୍ନ ଛାତ୍ରଛାତ୍ରୀମାନଙ୍କୁ ମୁଖ୍ୟ ଅତିଥି ଓ ସଭାପତିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଶ୍ୱବ୍ୟାପୀ ଅହମଦିୟା ମୁସଲିମ ସଂଗଠନର ସର୍ବୋଚ୍ଚ ମୁଖ୍ୟ ହଜରତ ମିର୍ଜା ମସରୁର ଅହମ୍ମଦଙ୍କ ବିଶ୍ୱବାସୀଙ୍କ ପାଇଁ ଶାନ୍ତିର ବାର୍ତ୍ତାକୁ ମୌଲାନା ହଲିମ ଅହମ ପଢ଼ି ଶୁଣାଇଥିଲେ। ଓଡିଆ ନଜମ ମସୁଦ ଖାଁ ପରିବେଷଣ କରିଥିଲେ। ଶେଷରେ କେରଙ୍ଗ ଓ ମହିମୁଦାବାଦ ଗ୍ରାମର ଯୁବସଂଘ ତରଫରୁ ସାମୂହିକ ସଙ୍ଗୀତ ତରାନା ପରିବେଷଣ କରାଯାଇଥିଲା। ବିଶ୍ୱଶାନ୍ତି ପାଇଁ ସାମୂହିକ ପ୍ରାର୍ଥନା କରାଯାଇ ସଭାସାଙ୍ଗ କରାଯାଇଥିଲା। ଏହି ସମ୍ମିଳନୀରେ କେରଳମ୍, କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ବିହାର, ଉତ୍ତର ପ୍ରଦେଶ ଓ ପଞ୍ଜାବରୁ ଅନେକ ପ୍ରତିନିଧି ଏବଂ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଶତାଧିକ ଅହମଦିୟା ମୁସଲିମ ମତାବଲମ୍ବୀ ଯୋଗଦେଇଥିଲେ।

**ଆନ୍ତରାଜ୍ୟ ଏଟିଏମ୍ ଲୁଟେରା ଗିରଫ**

# ଅତ୍ୟାଧୁନିକ ଡିଭାଇସ୍ ସାହାଯ୍ୟରେ ଲୁଟୁଥିଲେ ଟଙ୍କା

ଜଟଣୀ, ୧୦।୫(ସମିସ)



ଜଟଣୀ ଅଞ୍ଚଳରେ ଆନ୍ତଃରାଜ୍ୟ ଏଟିଏମ ଲୁଟେରା ପୁଣି ସକ୍ରିୟ ହୋଇଥିବା ଦେଖିବାକୁ ମିଳିଛି। ଡ଼ିଭାଇସ ସାହାଯ୍ୟରେ ବିଭିନ୍ନ ଏଟିଏମରୁ ଲୁଟ କରୁଥିବା ବେଳେ ଆଜି ଜଟଣୀ ସୀତାରାମ ଛକଠାରେ ଥିବା ସେଣ୍ଟ୍ରାଲ ବ୍ୟାଙ୍କ ଏଟିଏମ୍‌ରୁ ଲୁଟ କରୁଥିବାବେଳେ ଏହି ଲୁଟେରା ଧରାପଡ଼ିଛି। ବ୍ୟାଙ୍କ ମିତ୍ର ଅଭିଯୁକ୍ତକୁ ପୁଲିସ ଜିମା ଦେଇଥିବାବେଳେ ପୁଲିସ ତଦନ୍ତ ଆରମ୍ଭ କରିଛି। ଗିରଫ ଅଭିଯୁକ୍ତ ହେଉଛି ବିହାର ରାଜ୍ୟ ପାଟନା ଅଞ୍ଚଳର ଗୌତମ କୁମାର।

ଦୁଇଜଣ ଯୁବକ ସେଣ୍ଟ୍ରାଲ ବ୍ୟାଙ୍କ ଏଟିଏମ୍ ପରିସରରେ ଦୀର୍ଘ ସମୟ ଧରି ଛିଡ଼ା ହୋଇ ରହିଥିଲେ। ଏହା ମଧ୍ୟରେ ଲୋକମାନେ ଏଟିଏମ୍‌କୁ ଟଙ୍କା କାଢ଼ିବାକୁ ଆସୁଥିଲା। ମାତ୍ର ଏଟିଏମରୁ ଟଙ୍କା ବାହାରୁ ନ ଥିଲା। ଫଳରେ ଲୋକମାନେ ଏଟିଏମ୍‌ରେ ଟଙ୍କା ନଥିବା ଭାବି ଫେରିଯାଇ ଅନ୍ୟ ଏଟିଏମ୍ କାଉଣ୍ଟରକୁ ଯାଇ ଟଙ୍କା ଉଠାଇବାକୁ ଚେଷ୍ଟା କରିଥିଲେ। ହେଲେ ତାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଣ କରାଯାଇଥିବା ଜାଣିବାକୁ ପାଇଲେ। ଅନ୍ୟପଟେ ଲୁଟେରାମାନେ ଏକ ଡିଭାଇସ ମାଧ୍ୟମରେ ଏଟିଏମ୍‌ରୁ ଲୋକମାନଙ୍କ ଟଙ୍କାକୁ ଚଞ୍ଚକତା କରି ଉଠାଣ କରିଦେଉଥିଲେ। ଯେତେଜଣ ଗ୍ରାହକ ଟଙ୍କା ଉଠାଣ କରିବାକୁ ଆସୁଥିଲେ ସେମାନେ ଫେରିଯାଉଥିଲେ। ଏନେଇ ବ୍ୟାଙ୍କକୁ ଯାଇ ଟଙ୍କା ଉଠାଣ ସମ୍ବନ୍ଧରେ ତଦାରଖ କରିବା ଆରମ୍ଭ କରିବା ବେଳେ ଉକ୍ତ ବ୍ୟାଙ୍କର କର୍ମଚାରୀ ଉକ୍ତ ଯୁବକ ଦୁଇଜଣ ଏଟିଏମ ପରିସରରେ ଦୀର୍ଘ ସମୟ ଧରି ରହିଥିବା ଦେଖିବାକୁ ପାଇଥିଲେ। ତାଙ୍କୁ ସେଠାରେ ପଚରାଉଚରା କରିବା ପରେ ସେମାନଙ୍କ କଥାର ତାଳମେଳ ନହେବାରୁ ସନ୍ଦେହ ପ୍ରକଟ କରିଥିଲେ। ଏନେଇ ବ୍ୟାଙ୍କ ମିତ୍ର ଅଭିଯୁକ୍ତକୁ ପୁଲିସକୁ ହସ୍ତାନ୍ତର କରିଥିଲେ। ତଦନ୍ତ ପରେ କେଉଁ କେଉଁ ସ୍ଥାନରୁ ଲୁଟ କରୁଥିଲେ ଓ କେତେଦିନ ହେଲା ଏପରି କରିଥିଲେ ତଦନ୍ତ ପରେ ଜଣା ପଡ଼ିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି।

**● ଶ୍ରୀ ଉମାମହେଶ୍ୱର ଦେବଙ୍କ ହୁଣ୍ଡି ଖୋଲିଲା**

## ମିଳିଲା ୬୭ ହଜାର ଟଙ୍କା ଓ ୧୦ ଗ୍ରାମ ସୁନା

**ବାଲୁଗାଁ, ୧୦।୫(ସମିସ):** ଆରାଧ୍ୟ ଉମାମହେଶ୍ୱର ଦେବଙ୍କ ଭିତର ହୁଣ୍ଡି ସମେତ ୩ ଗୋଟି ଦାନହୁଣ୍ଡି ବାକ୍ସ ଦୀର୍ଘ ଏକ ବର୍ଷ ପରେ ରବିବାର ଖୋଲାଯାଇଛି। ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସନୀକ ଅଧିକାରୀ ତଥା ଚିଲିକା ତହସିଲଦାର କାହ୍ନୁଚରଣ ଘଡେଇ, ବାଲୁଗାଁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରାଣନାଥ ସେଠ, ବାଲୁଗାଁ ଥାନା ଅଧିକାରୀ ଶ୍ରଦ୍ଧା ନାୟକ ଓ ଏସଆଇ ଶ୍ରୀନିବାସ ସାମନ୍ତଙ୍କ ସମେତ ମନ୍ଦିର ପୂଜକ ସେବାୟତ ଓ କର୍ମକର୍ତ୍ତା ପ୍ରମୁଖଙ୍କ ଉପସ୍ଥିତରେ ଠାକୁରଙ୍କ ନିକଟରେ ପୂଜାର୍ଚ୍ଚନା ପରେ ହୁଣ୍ଡିକୁ ଖୋଲାଯାଇ ଗଣତି କରାଯାଇଥିଲା। ଭିତର ହୁଣ୍ଡିରୁ ୫୦ହଜାର ୩୬୦ଟଙ୍କା ଓ ୧୦ଗ୍ରାମର ଦୁଇ ଗୋଟି ସୁନା ମୁଦି ମିଳିଥିବା ବେଳେ ମନ୍ଦିର ପରିସରସ୍ଥିତ ଶ୍ରୀ ଶନିଶ୍ଚର ମନ୍ଦିର ହୁଣ୍ଡିରୁ ୧୨ ହଜାର ୫୬୫ ଟଙ୍କା ଏବଂ ଶ୍ରୀ ହନୁମାନଙ୍କ ଦାନବାକ୍ସ ହୁଣ୍ଡିରୁ ୪ ହଜାର ୧୮୦ଟଙ୍କା ସମେତ ମୋଟ ୬୭ ହଜାର ୧୦୫ ଟଙ୍କା ସହ ୧୦ ଗ୍ରମର ଦୁଇ ଗୋଟି ସୁନା ମୁଦି ମିଳିଥିଲା। ଦାନରେ ମିଳିଥିବା ସମସ୍ତ ଅର୍ଥକୁ ବ୍ୟାଙ୍କରେ ଥିବା ମନ୍ଦିର ଜମା ଖାତାରେ ଜମା କରାଯାଇଥିଲା।

## ଶ୍ରମିକ କଂଗ୍ରେସ ନେତା ସରୋଜଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା



**ଜଟଣୀ, ୧୦।୫(ସମିସ):** ସ୍ଥାନୀୟ ଖୋର୍ଦ୍ଧାରୋଡ ରେଳମଣ୍ଡଳରେ କାର୍ଯ୍ୟରତ ମୁଖ୍ୟ ଟିକଟ ନିରୀକ୍ଷକ ତଥା ଶ୍ରମିକ କଂଗ୍ରେସର ବରିଷ୍ଠ ନେତା ସରୋଜ କୁମାର ମଙ୍ଗରାଜ ଚାକିରିରୁ ଅବସର ନେଇଥିବାରୁ ତାଙ୍କୁ ଦଳ ପକ୍ଷରୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ରବିବାର ଶ୍ରମିକ କଂଗ୍ରେସ କାର୍ଯ୍ୟାଳୟଠାରେ ଶାଖା ସମ୍ପାଦକ ଏଲ୍ ଡି ମହାନ୍ତିଙ୍କ ସଂଯୋଜନାରେ ଏକ ସଭା ଆୟୋଜନ କରାଯାଇଥିଲା। ସଭାପତି ମୁସ୍ତାକ ଅଲ୍ଲୀ ଏଥିରେ ସଭାପତିତ୍ୱ କରିଥିଲେ। ମଣ୍ଡଳ ସହ ସଂଯୋଜକ ନିରଞ୍ଜନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀ ମଙ୍ଗରାଜଙ୍କୁ ଉତ୍ତରୀୟ ଓ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟାନ୍ୟ ଅତିଥିଭାବେ କେନ୍ଦ୍ରୀୟ ପଦାଧିକାରୀ ଏମ ଗୋପାଳ କ୍ରିଷ୍ଣା ରାଓ, ଆଶୁତୋଷ ବ୍ରହ୍ମା ଯୋଗଦେଇ ଅବସର ପରବର୍ତ୍ତୀ ସମୟ ନିରୋଗ ନିରାମୟ ଜୀବନଯାପନ ପାଇଁ ପାର୍ଥନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ପି ରାଜା ରାଓ, ସୁନୀଲ ପରିଡ଼ା, ରାକେଶ ଘଡେଇ, ପ୍ରଦୀପ ସୁନ୍ଦରାୟ, ତ୍ରିଲୋଚନ ମହାନ୍ତି, ରବୀନ୍ଦ୍ର ଗୌଡ଼, ସନ୍ତୋଷ ଖଟେଇ ସମେତ ବହୁ କ୍ୟାଡର ଉପସ୍ଥିତ ଥିଲେ।

# ଆଶାକର୍ମୀଙ୍କ ଆନ୍ଦୋଳନ ପ୍ରସ୍ତୁତି ବୈଠକ



**ବେଗୁନିଆ, ୧୦।୫(ସମିସ):** ବେଗୁନିଆ ସଦର ମହକୁମା ସ୍ଥିତ ମା' ବରମୂଳେଇ ପୀଠରେ ଏଆଇଟିୟୁସି ସହବନ୍ଧିତ ନିଖିଳ ଓଡ଼ିଶା ଆଶାକର୍ମୀଙ୍କ ଆନ୍ଦୋଳନ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଆଶାକର୍ମୀ ସରସ୍ୱତୀ ଦେବୀଙ୍କର ଅଧକ୍ଷତାରେ ଟ୍ରେଡ ୟୁନିୟନ ଜିଲ୍ଲା ସଭାପତି ବସନ୍ତ କୁମାର ସେଠୀ ଯୋଗଦେଇ ଲୋକଙ୍କ ସରକାର କ୍ଷମତାସିନ ହେବା ପରଠାରୁ ଆଶାକର୍ମୀମାନଙ୍କୁ ନିୟମିତ ଦରମା ମିଳୁ ନ ଥିବାରୁ ପରିବାରର ଗୁଜୁରାଣ ମେଣ୍ଟାଇବା ପାଇଁ ଘୋର ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଆଗାମୀ ଦିନରେ ବୋତଲମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେବାକୁ ଆହ୍ୱାନ ଦେଇଥିଲେ। ଏପରିକି ନିୟମିତ ଭାବେ ଭତ୍ତା ଓ କାର୍ଯ୍ୟ ଅନୁଯାୟୀ ଅର୍ଥରାଶି ଦିଆ ନ ଯାଏ ତେବେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ଚେତାବନୀ ଦେଇଛନ୍ତି। ସଭାରେ ଟୁନି ମାନସିଂହ, ସୁନ୍ଦରମଣି ପ୍ରଧାନ, ଜ୍ୟୋସ୍ନା ସିଂହ, ରେବତୀ ନାୟକ, ରୀନା ଚମ୍ପତି ଓ ନଳିନୀ ମହାରଣା ସମେତ ବହୁ ଆଶାକର୍ମୀ ଉପସ୍ଥିତ ରହିଥିଲେ।

# ବରୁଣେଇ ପୀଠରେ ରୋଭର ରେଞ୍ଜର ସମାବେଶ

**ଖୋର୍ଦ୍ଧା, ୧୦।୫(ସମିସ):** ମା' ବରୁଣେଇଙ୍କ ପୀଠରେ ରବିବାର ପ୍ରାଣନାଥ ମହାବିଦ୍ୟାଳୟର ପୂର୍ବତନ ଓ ଅଧ୍ୟୟନରତ ରୋଭର୍ ରେଞ୍ଜରଙ୍କ ସମାବେଶ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ପ୍ରାଣନାଥ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ତଥା ରେଞ୍ଜର ଲିଡର ଡ. ମମତା ଦେ, ମୁଖ୍ୟବକ୍ତା ଭାବରେ ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି, ପ୍ରାଣନାଥ ମହାବିଦ୍ୟାଳୟର ପୂର୍ବତନ ରୋଭର ଲିଡର ତଥା ବିଶିଷ୍ଟ ସାହିତ୍ୟିକ ଗୋପାଳ କୃଷ୍ଣ ଦାସ, ସମ୍ମାନିତ ଅତିଥିଭାବେ ଭାରତ ସ୍କାଉଟ ଗାଇଡ୍‌ର ପ୍ରାକ୍ତନ ଜିଲ୍ଲା ସଂଗଠକ କମିଶନର ନଗେନ୍ଦ୍ର ନାଥ ଦତ୍ତ, ପ୍ରାଣନାଥ ମହାବିଦ୍ୟାଳୟର ପ୍ରଥମ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ରୋଭର ଦୃଷ୍ମନ୍ତ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ। ସମ୍ମିଳନୀକୁ ସନ୍ତୋଷ କୁମାର ଭଞ୍ଜ, ସନ୍ତୋଷ କୁମାର ସାହୁ, ଭବାନୀ ପ୍ରସାଦ କର, ମନୋଜ କୁମାର ନାୟକ ପ୍ରମୁଖ ସମସ୍ତ ସିନିୟର୍ ରୋଭର୍ ରେଞ୍ଜର ଆୟୋଜନ କରିଥିବାବେଳେ ସଭା କୁ ସିନିୟର୍ ରେଞ୍ଜର ତଥା କବୟତ୍ରୀ ଯଶସ୍ୱିନୀ ସାହୁ ସଂଯୋଜନା କରିଥିଲେ। ଏହି ସମ୍ମିଳନୀରେ ୨ ଶହ ଜଣ ବର୍ତ୍ତମାନ ଅଧ୍ୟୟନରତ ଛାତ୍ରଛାତ୍ରୀ ସମେତ ବହୁ ପୂର୍ବତନ ଛାତ୍ରଛାତୀ ଯୋଗଦେଇଥିଲେ।



# ଓୟୁଡବ୍ଲ୍ୟୁଜେର ସାଂଗଠନିକ ବୈଠକ



**ଖୋର୍ଦ୍ଧା, ୧୦।୫(ସମିସ):** ଓୟୁଡବ୍ଲ୍ୟୁଜେ ଖୋର୍ଦ୍ଧା ଜିଲ୍ଲାର ଏକ ସାଂଗଠନିକ ବୈଠକ ସହର ଉପକଣ୍ଠ କୁମାରବସ୍ତସ୍ଥିତ ମା' ବାଉତୀ ଦେବୀଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ସଂଘର ଜିଲ୍ଲା ସଭାପତି ପ୍ରକାଶ କୁମାର ହାତୀ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଖୋର୍ଦ୍ଧା, ଜଟଣୀ, ବାଲୁଗାଁ, ଚିଲିକା, ବାଣପୁର, ବେଗୁନିଆ, ବୋଲଗଡ଼, ଟାଙ୍ଗୀ ଅଞ୍ଚଳରୁ ପ୍ରାୟ ୪୦ରୁ ଉର୍ଦ୍ଧ୍ୱ ସଦସ୍ୟ ଯୋଗଦେଇ ସଂଘ ବିଭିନ୍ନ କାର୍ଯ୍ୟପନ୍ଥା ସମ୍ପର୍କରେ ନିଜ ନିଜର ମତ ରଖିଥିଲେ। ସଂଗଠନକୁ ତୃଣମୂଳସ୍ତରରୁ କିପରି ସୁଦୃଢ଼ କରାଯାଇ ପାରିବ ସେଥିପ୍ରତି ସମସ୍ତ ସଦସ୍ୟ ନିଷ୍ଠାପର ଭାବରେ କାର୍ଯ୍ୟ କରିବାକୁ ସଭାପତି ଶ୍ରୀ ହାତୀ ବକ୍ତବ୍ୟରେ କହିଥିଲେ।

# ଆଇଆଇଟି ହଷ୍ଟେଲ୍ ବାଲକୋନିରୁ ପଡ଼ି ଛାତ୍ର ମୃତ

**ଜଟଣୀ, ୧୦।୫(ସମିସ):** ଜଟଣୀ ସ୍ଥିତ ଆଇଆଇଟିରେ ଗତକାଲି ବିଳମ୍ବିତ ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। କ୍ୟାମ୍ପସରେ ଥିବା ପୁରୁଷ ହଷ୍ଟେଲର ୬ ମହଲା ବାଲ୍‌କୋନିରୁ ପଡ଼ି ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ମୃତ ଛାତ୍ର ହେଲେ ଆନ୍ଧ୍ରପ୍ରଦେଶର ତନିକୋଣ୍ଡା ନିଶାନ୍ତ କୁମାର। ଆଇଆଇଟି କ୍ୟାମ୍ପସ୍ ହଷ୍ଟେଲରେ ରହୁଥିବା ଇଞ୍ଜିନିୟରିଂ ବିଭାଗର ପିଏଚ୍‌ଡି କରୁଥିଲେ। ତାଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ତେବେ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ଆଇଆଇଟି କ୍ୟାମ୍ପସ୍ ବ୍ରହ୍ମପୁତ୍ର ହଲ୍‌ର ୬ଷ୍ଠ ମହଲା ଏ ବ୍ଲକରେ ରହୁଥିଲେ ନିଶାନ୍ତ। ଗତକାଲି ବିଳମ୍ବିତ ରାତି ପ୍ରାୟ ସାଢ଼େ ୩ଟାରେ ନିଶାନ୍ତ ବାଲକୋନିରୁ ହଠାତ୍ ତଳକୁ ଖସି ପଡ଼ିଥିଲେ। ସଙ୍ଗେ ସଙ୍ଗେ ଖବର ପାଇ ନିୟୋଜିତ ସୁରକ୍ଷାକର୍ମୀ ତାଙ୍କୁ ଅଚେତ୍ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ କ୍ୟାମ୍ପସ୍ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ପରେ ଭୁବନେଶ୍ୱର ସ୍ଥିତ ଘରୋଇ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପୁଲିସ ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି। ପରେ କଲେଜ ପକ୍ଷରୁ ତାଙ୍କ ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ପରିବାର ଲୋକ ଆସିଲା ପରେ ଶବ ବ୍ୟବଚ୍ଛେଦ କରାଯିବ ବୋଲି ପୁଲିସ ସୂଚନା ଦେଇଛି। ତେବେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ତାଙ୍କ ପରିବାର ସଦସ୍ୟ ଭୁବନେଶ୍ୱରରେ ପହଞ୍ଚି ନଥିଲେ। ଅନ୍ୟପଟେ ନିଶାନ୍ତ ବାଲକୋନିରୁ ତଳକୁ କିପରି ଖସିଲେ ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପୁଲିସ ଘଟଣାର ସଠିକ୍ ତଦନ୍ତ କଲେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି।

**● ଛତ୍ରପଡ଼ା ଶ୍ରୀରାମଲୀଳା ମହୋତ୍ସବ**

## ପଞ୍ଚମ ରଜନୀରେ 'ଲଙ୍କା ଦହନ'

**ନିରାକାରପୁର, ୧୦।୫(ସମିସ):** ଖୋର୍ଦ୍ଧା ଜିଲ୍ଲା ଛତ୍ରପଡ଼ା ଗ୍ରାମରେ ଚଳିତବର୍ଷ ମଧ୍ୟ ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦିପନା ମଧ୍ୟରେ ଶ୍ରୀରାମଲୀଳା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ରଜନୀରେ ଶୁଭାରମ୍ଭ ସ୍ୱରୂପ 'ବନ୍ଦନା ପର୍ବ' ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ରଜନୀରେ 'ସୀତା ବିବାହ'ର ମନୋଜ୍ଞ ଦୃଶ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ତୃତୀୟ ରଜନୀରେ 'ସୀତା ହରଣ' ମଞ୍ଚସ୍ଥ ହୋଇଥିବା ବେଳେ, ଚତୁର୍ଥ ରଜନୀରେ 'ବାଳି ବଦ୍ଧ' ପ୍ରସଙ୍ଗ ଅତ୍ୟନ୍ତ ନିଖୁଣ ଭାବେ ଅଭିନୀତ ହୋଇଥିଲା। ଶନିବାର ପଞ୍ଚମ ରଜନୀରେ ରାମଲୀଳାର ଅନ୍ୟତମ ଆକର୍ଷଣୀୟ ଅଧ୍ୟାୟ 'ଲଙ୍କାଦହନ' ମଞ୍ଚସ୍ଥ ହୋଇଥିଲା। ଗ୍ରାମର ରଘୁନାଥ କଳା ପରିଷଦ ପକ୍ଷରୁ ଏହି ସମସ୍ତ କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଏହି ଯାତ୍ରାକୁ ସଫଳ କରିବାରେ ସମସ୍ତ ଗ୍ରାମବାସୀ ସକ୍ରିୟ ସହଯୋଗ କରୁଥିବା ବେଳେ, ଆଖପାଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଓ ଦର୍ଶକ ଏହି ମନୋରଞ୍ଜନ ଧର୍ମୀ ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଭରପୂର ମଜା ନେଉଛନ୍ତି। ଗ୍ରାମର ଏଭଳି ସାଂସ୍କୃତିକ ପ୍ରୟାସ ଅଞ୍ଚଳରେ ଏକ ଭକ୍ତିପୂର୍ଣ୍ଣ ପରିବେଶ ସୃଷ୍ଟି କରିଛି।



# ମା'ଭଗବତୀ ଓ ଶ୍ରୀରଙ୍କନାଥଙ୍କ ଭଉଁରୀ ଯାତ୍ରା

ବାଣପୁର, ୧୦।୫(ସମିସ)



ପବିତ୍ର ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥିବା ଚନ୍ଦନ ଯାତ୍ରା ରବିବାର ଅନ୍ତିମ ଦିବସର ବିଳମ୍ବିତ ରାତ୍ରରେ ଭଉଁରୀ ଯାତ୍ରାରେ ଶେଷ ହୋଇଛି। ସାତ ଦେବୀଙ୍କୁ ସାଥିରେ ଧରି ଜଳକ୍ରୀଡ଼ା କରିଛନ୍ତି ବାଣପୁରର ଇଷ୍ଟଦେବୀ ମା' ଭଗବତୀ।

ଅନ୍ତିମ ତିନି ଦିନ ମା' ଭଗବତୀ ସାଥିରେ ତଥାକଥିତ ପିତ୍ରାଳୟ ଦକ୍ଷପ୍ରଜାପତି ମନ୍ଦିରରେ ପୂଜା ପାଉଥିବା ଚନ୍ଦ୍ରଶେଖର ଦେବ, ଗୋପୀନାଥ ଦେବ ଓ ବାଣପୁରର ଇଷ୍ଟଦେବ ଶ୍ରୀ ରଙ୍କନାଥ ଦେବଙ୍କୁ ସାଥିରେ ନେଇ ବାଣପୁର ଏନ୍‌ଏସି ଅନ୍ତର୍ଗତ ଗୋପାଳପୁର ଶାସନର ଶ୍ରୀ ବାଲୁଙ୍କେଶ୍ୱର ଦେବଙ୍କ ନିମନ୍ତ୍ରଣ କ୍ରମେ ସୁସଜ୍ଜିତ ବିମାନରେ ଶେଷ ତିନିଦିନ ତଥା ଶୁକ୍ରବାର ଠାରୁ ରବିବାର ପର୍ଯ୍ୟନ୍ତ ପ୍ରତ୍ୟହ ବାଜା ରୋଷଣୀ ସହ ଶୋଭାଯାତ୍ରାରେ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ବିଜେ ହୋଇଥିଲେ। ସେଠାରେ ଗୋପାଳପୁରର ବାଲୁଙ୍କେଶ୍ୱର ଦେବ ଓ କପିଳେଶ୍ୱର ଦେବ, କୋଟ ବିଦ୍ୟାଧରପୁରର ନୀଳକଣ୍ଠେଶ୍ୱର ଦେବ ଓ ପାଟପୁରର ଗୋପୀନାଥ ଦେବ ଏବଂ ମା କନକଦୁର୍ଗା ସାମିଲ ହୋଇଥିଲେ। ମନ୍ଦିର ପରିସରରେ ଠାକୁରମାନେ ବିଜେ ହେବା ପରେ ବିଧି ଅନୁସାରେ ଫକ୍ତି ଭୋଗ ଲାଗି ହୋଇଥିଲା। ପରେ ମା'ଭଗବତୀଙ୍କ ସମେତ ସମସ୍ତ ଦେବାଦେବୀ ଏକ ସୁସଜ୍ଜିତ ନୌକାରେ ବିଜେ ହୋଇ ମାଜଣା ପୋଖରୀ ତଥା ରଘୁନାଥ ସାଗରରେ ଭଉଁରୀ ଯାତ୍ରାରେ ଚାପକ୍ରୀଡା କରିଥିଲେ। ଚାପକ୍ରୀଡାରୁ ଫେରିବା ପରେ ଠାକୁରମାନେ ଚନ୍ଦନ ମଣ୍ଡପରେ ଥିବା ଚନ୍ଦନ କୁଣ୍ଡରେ ସ୍ନାନ କରିବା ପରେ ଚନ୍ଦନ ଭୋଗ ଲାଗି ହେବା ସହିତ ପୁନର୍ବାର ରାତ୍ରିରେ ଭଉଁରି ଯାତ୍ରାକୁ ବିଜେ ହୋଇଥିଲେ। ଶ୍ରୀ ଦକ୍ଷେଶ୍ୱର ଭଗବତୀ ଦେବୋତ୍ତର ଓ ଗୋପାଳପୁର ଶାସନ ଗ୍ରାମବାସୀ ମିଳିତ ଭାବେ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଶାନ୍ତିଶୃଙ୍ଖଳା ପାଇଁ ବାଣପୁର ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ପୁଲିସ ମୁତୟନ ହୋଇଥିଲେ।

# ସରିଲା ହଟକେଶ୍ୱର ଦେବଙ୍କ ପୀଠରେ ଭଉଁରୀ ଯାତ୍ରା



**ବେଗୁନିଆ, ୧୦।୫(ସମିସ):** ବେଗୁନିଆ ବ୍ଲକ ବାଘମାରୀ ପଞ୍ଚାୟତ ଅନ୍ତର୍ଗତ ଅଟ୍ରି ସ୍ଥିତ ଏକାଦଶ ରୁଦ୍ର ତଥା ବାବା ହଟକେଶ୍ୱର ପୀଠରେ ଭଉଁରୀ ଯାତ୍ରା ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଧି ଅନୁସାରେ ଚନ୍ଦନ ଯାତ୍ରା ଠାରୁ ୨୧ ଦିନରେ ବାବା ହଟକେଶ୍ୱର ଦେବ ସେବାୟତ ଓ ଶିବ ପୂଜକ ବୃନ୍ଦ ସହଯୋଗରେ ମାଣିବନ୍ଧ ଗ୍ରାମ ସ୍ଥିତ ସିଦ୍ଧ ମହାବୀର ଆଶ୍ରମର ପ୍ରତିଷ୍ଠାତା ପ୍ରଶାନ୍ତ ବାବାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବାବା ହଟକେଶ୍ୱରଙ୍କୁ ଖଟୁଲି ଯୋଗେ ମନ୍ଦିର ପରିସରରେ ସାତ ଥର ଫେରା କରାଯାଇ ଭକ୍ତି ଭାବମୟ ପରିବେଶ ମଧ୍ୟରେ ପରିକ୍ରମା କରିଥିଲେ। ପରେ ପୋଖରୀ ଭିତରେ ସୁ-ସଜ୍ଜିତ ନୌକାରେ ବିହାର କରି ଚାପ ଖେଳି ପ୍ରତ୍ୟାବର୍ତ୍ତନ କରିଥିଲେ। ଏଥିରେ ବିଧାୟକ ପ୍ରଦୀପ କୁମାର ସାହୁ, ସରପଞ୍ଚ ମାନସ ରଞ୍ଜନ ବିଶ୍ୱାଳ, ସମିତି ସଭ୍ୟା ନବନିତା ମହାନ୍ତି, ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ ଚନ୍ଦ୍ର ରାଉତରାୟ, ଓଟିଡିସି କର୍ମଚାରୀ ବିଜୟ କୁମାର ସାହୁ, ସମାଜସେବୀ ମଧୁସୂଦନ ସୁବୁଦ୍ଧି, ପ୍ରେମାନନ୍ଦ ମହାନ୍ତି, ମନ୍ଦିର ପରିଚାଳନା ଟ୍ରଷ୍ଟି ଗୋପୀନାଥ ମହାପାତ୍ର ଓ ବାରପଲୀ କମିଟିର ସଦସ୍ୟ କୁମର ରାଉତଙ୍କ ସମେତ ବହୁ ଭକ୍ତବୃନ୍ଦ ଯୋଗ ଦେଇ ଉତ୍ସାହିତ କରିଥିଲେ।

# ଶ୍ରୀରାମେଶ୍ୱର ଦେବଙ୍କ ଜଳକ୍ରୀଡ଼ା



**ବାଲୁଗାଁ, ୧୦।୫(ସମିସ):** ରାମେଶ୍ୱରଦେବ ବିଜେ ଗବପଦରଙ୍କ ପୀଠରେ ଚନ୍ଦନ ଯାତ୍ରା ଉପଲକ୍ଷେ ଅକ୍ଷୟ ତୃତୀୟାଠାରୁ ଠାକୁରମାନଙ୍କୁ ଚନ୍ଦନ ଲାଗି କରାଯାଇ ଆସୁଥିବାରୁ ଗ୍ରାମଠାରୁ ସହର ଉତ୍ସବ ମୁଖର ହୋଇପଡ଼ିଛି। ଚନ୍ଦନଯାତ୍ରାର ଶେଷ ତିନି ଦିନ ଠାକୁରଙ୍କ ଜଳକ୍ରୀଡ଼ା ତଥା ଭଉଁରୀ ଯାତ୍ରା ମହାସମାରୋହରେ ପାଳିତ ହେଉଛି। ଠାକୁରଙ୍କ ଜଳକ୍ରୀଡ଼ା ତଥା ଭଉଁରୀ ଦେଖିବା ଲାଗି ଆଖପାଖ ଗ୍ରାମର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ମନ୍ଦିର ପରିଚାଳନା ଦାୟିତ୍ୱରେ ଥିବା ବାଲୁଗାଁ ଥାନା ଅଧିକାରୀ ଶ୍ରଦ୍ଧା ନାୟକଙ୍କ ସମେତ ୩୬ଖଣ୍ଡଗ୍ରାମର ପ୍ରତିନିଧି ଉପସ୍ଥିତ ରହି କାର୍ଯ୍ୟକ୍ରମ ପାଳନରେ ସହଯୋଗ କରୁଛନ୍ତି। ସେହିପରି ବଡ଼କୂଳ ଠାରେ ଶ୍ରୀ ଜଗନ୍ନାଥ ଓ ଗାଦିଶ୍ୱର ଦେବ, ଚନ୍ଦ୍ରାପୁଟରେ ବାଳମୁକୁନ୍ଦ ଦେବ ଓ ବାଲୁଗାଁର ଆରାଧ ଦେବ ଶ୍ରୀ ଉମାମହେଶ୍ୱର ଦେବଙ୍କ ପୀଠରେ ସମାରୋହରେ ଚନ୍ଦନଯାତ୍ରା ସହ ଭଉଁରୀ ଯାତ୍ରାରେ ଠାକୁରଙ୍କ ଜଳକ୍ରୀଡ଼ା ଅନୁଷ୍ଠିତ ହେଉଛି।

# ରାମଦୟା ପରିଷଦ ପକ୍ଷରୁ ଚନ୍ଦନ ଯାତ୍ରା ଉଦ୍‌ଯାପିତ



**ନିରାକାରପୁର, ୧୦।୫(ସମିସ):** ନିରାକାରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଅଗ୍ରଣୀ ଆଧ୍ୟାତ୍ମିକ ଅନୁଷ୍ଠାନ ଶ୍ରୀରାମ ଦୟା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଚନ୍ଦନ ଯାତ୍ରା ଉଦ୍‌ଯାପିତ ହୋଇଛି। ଅନୁଷ୍ଠାନର ସଭାପତି ଡ଼. ମୃତ୍ୟୁଞ୍ଜୟ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଦୀର୍ଘ ୩୩ ବର୍ଷର ପରମ୍ପରାକୁ ବଜାୟ ରଖାଯାଇଥିଲା।

ଏହି ଅବସରରେ ଶ୍ରୀ ମହାମଣ୍ଡଳେଶ୍ୱର ଗୋବିନ୍ଦ ଦାଶ ମହାରାଜ ଯୋଗଦେଇ ଉତ୍ସବର ମାହତ୍ୱ ଉପରେ ଆଲୋକପାତ କରିଥିଲେ। ମହାରାଜାଙ୍କ ଦ୍ୱାରା ରାମାୟଣ ପାଠ କରୁଥିବା ସମସ୍ତ ଗାୟକ, ବାୟକ ଓ ଶ୍ରଦ୍ଧାଳୁ ଭକ୍ତମାନଙ୍କୁ ଉପଢ଼ୌକନ ସହ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ଉଦଯାପନ ଉତ୍ସବରେ ଯୁଗ୍ମ ଉପସଭାପତି ସତ୍ୟବାଦୀ ବଳବନ୍ତରାୟ, ଲକ୍ଷ୍ମୀଧର ସାମନ୍ତରାୟ, ବରିଷ୍ଠ ସଭ୍ୟ ବେଣୁଧର ଚମ୍ପତିରାୟ, ଅଶୋକ ବାହୁ ବଳେନ୍ଦ୍ର, ଲକ୍ଷ୍ମୀଧର ଦଳାଇ, ପ୍ରକାଶ ଦାଶ, ସମାଜ ସେବୀ ଭୀମ ସେନ ପାଇକରାୟ, ଦିବାକର ସାହୁ, ରମାନାଥ ଦାଶଙ୍କ ସମେତ ପରିଷଦର ସମସ୍ତ କର୍ମକର୍ତ୍ତା ଓ ସଭ୍ୟମାନେ ସକ୍ରିୟ ସହଯୋଗ କରିଥିଲେ।

